## ସଂକ୍ଷେପରେ

### ନିଆଁ ଲାଗି ଜଳିଗଲା ୨ଘର କ୍ଷତିଗ୍ରସ୍ତଙ୍କୁ ସହାୟତା



ଗୁଡାରି, ୨୪।୨(ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରୀ ବ୍ଲକର ମଧୁବନ ପଞ୍ଚାୟତ ଅଧୀନ ସୁକୁଡୁବାକୁ ଗ୍ରାମରେ ଶନିବାର ନିଆଁ ଲାଗି ୨ଟି ଘର ପୋଡ଼ିଯାଇଛି। ଶର୍ଟ ସର୍କିଟରୁ ନିଆଁ ଲାଗି ଗ୍ରାମର ରମେଶ ମାମ୍ଧାଲକାଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ବେଳେ ଜଳନ୍ଧର ମାମ୍ଧାଲାକାଙ୍କ ଘର ଛପର ଜଳିଯାଇଛି। ରମେଶଙ୍କ ଘରର ଆସବାବପତ୍ର ଓ ଟଙ୍କା ସବୁ ଜଳିଯାଇଥିବା ଜଣାପଡ଼ିଛି। ଖବରପାଇ ଗୁଡାରି ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ତହସିଲଦାର ସୁଶ୍ରୀ ଏ. ସ୍ନେହଲତା ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହ ପ୍ରାଥମିକ ପର୍ଯ୍ୟାୟରେ ଉଭୟ ପରିବାରଙ୍କୁ ପଲିଥିନ ପ୍ରଦାନ କରିଛନ୍ତି। ଏହି ସମୟରେ ରାଜସ୍ୱ ନିରୀକ୍ଷକ ପ୍ରସାଦ ନିମାଲୁ, ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଗଦଗଦା ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ

ପଦ୍ମପୁର, ୨୪।୨(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ପାଖଗୁମୁଡ଼ାରୁ ଝରା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଅବସ୍ଥିତ ଗଦଗଦା ଶୈବପୀଠରେ ଶନିବାର ମାଘ ପୂର୍ଣ୍ଣିମା ପାଳିତ ହୋଇଛି। ଏହି ଅବସରରେ ଏଠାରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ପାହାଡ଼ ପର୍ବତ ଘେରା ପଥର ଖୋଲ ମଧ୍ୟରେ ମହାପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ପୂଜା ପାଆନ୍ତି। ଚଳିତ ବର୍ଷ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବ୍ୟାରିକେଟ କରାଯାଇଛି। ଆଇନ୍ ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ମୁତୟନ କରାଯାଇଥିଲା। ପ୍ରକାଶ ଯେ, ପ୍ରତିବର୍ଷ ଏଠାରେ ହଜାର ହଜାର ଭକ୍ତ ଏହି ପ୍ରାକୃତିକ ଦୃଶ୍ୟ ଦେଖିବାକୁ ଭିଡ଼ ଜମାଉଛନ୍ତି। ଏହି ଶୈବପୀଠକୁ କିନ୍ତୁ ଏବେ ଯାଏ ପକ୍କା ରାସ୍ତା ଟିଏ ନାହିଁ। ଫଳରେ ଲୋକେ ପାଦଚଲା ମାଟି ରାସ୍ତାରେ ଯାଉଛନ୍ତି। ପାହାଚଗୁଡ଼ିକ ଭାଙ୍ଗିଯାଇଥିଲେ ମଧ୍ୟ ମରାମତି କରାଯାଇ ନାହିଁ। ପିଇବା ପାଣି ସମସ୍ୟା ସାଙ୍ଗକୁ ଏହି ପୀଠରେ ବିଜୁଳି ଆଲୋକ ବ୍ୟବସ୍ଥା ନାହିଁ। ଭକ୍ତମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହିଭଳି ଶୈବପୀଠ ପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଏନ୍‌ଏସି ଘୋଷଣା ପରେ ଖୁସି ମନାଇଲେ ଅଞ୍ଚଳବାସୀ

**ରାୟଗଡ଼ାର ମୁନିଗୁଡ଼ା, ବିଷମକଟକ, ଚାନ୍ଦିଲି ନୂତନ ଏନ୍‌ଏସି**

ରାୟଗଡ଼ା, ୨୪।୨(ଆଶିଷ ରଞ୍ଜନ ପଣ୍ଡା)



ମୁନିଗୁଡ଼ାରେ ଅଞ୍ଚଳବାସୀ ଖୁସି ମନାଉଛନ୍ତି।

ରାୟଗଡ଼ା ଜିଲାରେ ୩ଟି ନୂତନ ଏନ୍‌ଏସ୍ ଘୋଷଣା କରାଯାଇଛି। ସେଗୁଡ଼ିକ ହେଲା ଚାନ୍ଦିଲି, ମୁନିଗୁଡ଼ ଓ ବିଷମକଟକ। ରାୟଗଡ଼ା ଜିଲାରେ ଏନ୍‌ଏସି ସଂଖ୍ୟା ୪ରେ ପହଞ୍ଚିଛି। ପୂର୍ବରୁ ରାୟଗଡ଼ା ଓ ଗୁଣପୁର ପୌରାଞ୍ଚଳ ଏବଂ ଗୁଡ଼ାରୀ ଏନ୍‌ଏସି ଥିଲା। ଲୋକଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇଛି। ସେମାନେ ଖୁସି ମନାଇଥିଲେ। ଏନ୍‌ଏସି ଗଠନକୁ ନେଇ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟ ବିଜେଡି ଉପସଭାପତି ଏନ.ଭାସ୍କର ରାଓଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ୩ ନୂତନ ଏନଏସି ସହରବାସୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ରାୟଗଡ଼ା ବ୍ଲକର ଶିଳ୍ପ ନଗରୀ ଚାନ୍ଦିଲିକୁ ଏନ୍‌ଏସି ପ୍ରଦାନ କରାଯାଇଛି। ସେହିଭଳି ମୁନିଗୁଡ଼ା ଓ ବିଷମକଟକକୁ ମଧ୍ୟ ଏନଏସି ମାନ୍ୟତା ମିଳିଛି। ତେବେ ଏହାଦ୍ୱାରା ତିନି ନୂତନ ସହରରେ ବସବାସ କରୁଥିବା ପ୍ରାୟ ୬୦ ହଜାର ଜନସାଧାରଣ ସୁବିଧା ପାଇବେ। ଚାନ୍ଦିଲି ଓ କୁମୁଡିପେଣ୍ଠ ପଞ୍ଚାୟତକୁ ମିଶାଇ ଚାନ୍ଦିଲି ଏନ୍‌ଏସି ଗଠନ ହେବ। ଚାନ୍ଦିଲି ପଞ୍ଚାୟତ ଅଧୀନ ଜେକେପୁରରେ ରହିଛି ଜେକେ କାଗଜକଳ। ଏଠାକାର ଜନସଂଖ୍ୟା ୨୦ ହଜାର। ଚାନ୍ଦିଲି ବଦଳରେ ଜେକେପୁର ସହରକୁ ଏନଏସି ମାନ୍ୟତା ପ୍ରଦାନ ପାଇଁ ବାରମ୍ବାର ଦାବି ହୋଇଛି। ମୁନିଗୁଡ଼ା ମଧ୍ୟ ଏନଏସି ମାନ୍ୟତା ପାଇଛି। ମୁନିଗୁଡ଼ାକୁ ଏନଏସି କରିବା ପାଇଁ ବହୁ ଦିନ ହେବ ଦାବି ହେଉଥିଲା। ଏଥିପାଇଁ ଜୋରସୋରରେ ଆନ୍ଦୋଳନ ମଧ୍ୟ ହୋଇଛି। ମୁନିଗୁଡ଼ା ଓ ଭୈରବଗଡ଼ ପଞ୍ଚାୟତକୁ ନେଇ ଏହି ଏନଏସି ଗଠନ ହେବ। ଏକ ବ୍ୟବସାୟିକ କେନ୍ଦ୍ର ଭାବେ ମୁନିଗୁଡ଼ା ପରିଚିତ। ଉଭୟ ରାୟଗଡ଼ା ଓ କଳାହାଣ୍ଡି ମଧ୍ୟବର୍ତ୍ତୀ ସ୍ଥାନରେ ମୁନିଗୁଡ଼ା ଅବସ୍ଥିତ। ନିକଟରେ ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନା କାରଖାନା ରହିଛି। ଏଠାକାର ବାସିନ୍ଦାମାନେ ବେଶ୍ ଲାଭ ପାଇବାର ସମ୍ଭାବନା ରହିଛି। ମୁନିଗୁଡ଼ାବାସୀ ଉତ୍ସବ ମନାଇଥିଲେ। ଏହି ସମୟରେ ବ୍ଲକ ବିଜେଡ଼ି ସଭାପତି ରତନଲାଲ ଜୈନ, ବୃନ୍ଦାବନ ପାଢ଼ି, ରମେଶ ପାଣି, ସୀମାଞ୍ଚଳ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଷମକଟକ ମଧ୍ୟ ଏନଏସି ମାନ୍ୟତା ପାଇଛି। ଏହା ଏକ ପୁରୁଣା ତହସିଲ। ବିଷମକଟକ ଓ ମୁନିଗୁଡ଼ା ବ୍ଲକକୁ ନେଇ ଏହି ତହସିଲ ଦୀର୍ଘ ଦଶନ୍ଧି ଧରି ରହିଥିଲ। ହେଲେ ପରବର୍ତ୍ତୀ ସମୟରେ ମୁନିଗୁଡ଼ା ନୂଆ ତହସିଲ ହୋଇଥିଲା। ଏନଏସି ପାଇଁ ସମସ୍ତ ପ୍ରକାର ମାନଦଣ୍ଡ ବିଷମକଟକ ପୂର୍ଣ୍ଣ କରୁଛି। ଜିଲାର ସ୍ୱାସ୍ଥ୍ୟ ସେବା ପାଇଁ ବିଷମକଟକ ପରିଚିତ। ଏଠାରେ ଥିବା ଏକ ହସ୍ପିଟାଲ ଉପରେ ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଜିଲା ଲୋକେ ନିର୍ଭର କରୁଛନ୍ତି। ଏଣେ ଆଦିମ ଜନଜାତି ଡ଼ଙ୍ଗରିଆକନ୍ଧ ସମ୍ପ୍ରଦାୟର ଲୋକ ଏହି ବ୍ଲକରେ ବସବାସ କରୁଛନ୍ତି। ଏନଏସି ହେବା ଦ୍ୱାରା ସମଗ୍ର ବ୍ଲକର ଲୋକଙ୍କ ପାଇଁ ସୁବିଧା ଉପଲବ୍ଧ ହେବ ବୋଲଇ ବୁଦ୍ଧିଜୀବୀ କହିଛନ୍ତି। ରାଜ୍ୟ ସରକାର ଏହି ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିବାରୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏନଏସି ହେବା ଦ୍ୱାରା ଆଗାମୀ ଦିନରେ ମୁନିଗୁଡ଼ା ସମେତ ବିଷମକଟକ ଓ ଚାନ୍ଦିଲି ବିଜ୍ଞାପିତ ପରିଷଦ ଅଞ୍ଚଳର ବିକାଶ ହୋଇପାରିବ ବୋଲି ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି।

# ପଦ୍ମପୁରକୁ ଏନ୍‌ଏସି ମାନ୍ୟତା ମିଳି ନ ଥିବାରୁ କଂଗ୍ରେସ ଉଠାଇଲା ପ୍ରଶ୍ନ

ଗୁଣପୁର, ୨୪।୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ପଦ୍ମପୁର ବ୍ଲକ ଜାଡିଲିରେ ଥିବା ମନ୍ଦିରର ଉନ୍ନତି ଏବଂ ପଦ୍ମପୁରକୁ ଏନଏସି ମାନ୍ୟତା ମିଳି ନ ଥିବାରୁ କଂଗ୍ରେସ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଉଭୟ ପ୍ରସଙ୍ଗକୁ ନେଇ କଂଗ୍ରେସ ପକ୍ଷରୁ ଗୁଣପୁର ପୂର୍ତ୍ତବିଭାଗ ବଙ୍ଗଳାଠାରେ ଶନିବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ଜିଲା ସଭାପତି ବିଜୟ ଗମାଙ୍ଗଙ୍କ ସମେତ ପଦ୍ମପୁର ଏବଂ ରାମନାଗୁଡା ଅଞ୍ଚଳର କଂଗ୍ରେସ ନେତାମାନେ ଉପସ୍ଥିତ ଅଭିଯୋଗ କରିଛି। ଅନ୍ୟପକ୍ଷରେ ଘଟଣା ଜଣାପଡିବା ପରେ ବିଡିଓ ଲୋକଙ୍କ ନିକଟକୁ ଯାଇ ବିଭିନ୍ନ କଥା କହି ବିଭ୍ରାନ୍ତ କରୁଛନ୍ତି ବୋଲି କଂଗ୍ରେସ ନେତାମାନେ କହିଛନ୍ତି। ସେହିପରି ରାଜ୍ୟରେ ୩୪ଟି ନୂତନ ଏନଏସି ଗଠନ ପାଇଁ ଶନିବାର ସରକାର ଘୋଷଣା କରିଥିବାବେଳେ ଦୀର୍ଘ ଦିନର ଦାବି ପଦ୍ମପୁରକୁ ଉପେକ୍ଷା କରାଯଇଛି। ସମସ୍ତ ମାନଦଣ୍ଡ ଥାଇ ମଧ୍ୟ ପଦ୍ମପୁରକୁ ଏନଏସି ଘୋଷଣା କରାଯାଇନାହିଁ। କେଉଁ ଆଧାରରେ ପଦ୍ମପୁରକୁ ବାଦ ପକାଗଲା ବୋଲି କଂଗ୍ରେସ ପ୍ରଶ୍ନ କରିଛି। ସରକାର



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ଥିଲେ। ଜାଡିଲିଠାରେ ଥିବା ମନ୍ଦିରର ଉନ୍ନତି ୫-ଟିରେ ହୋଇଥିବା ଆମ ପଞ୍ଚାୟତର ବିକାଶ ପୁସ୍ତିକାରେ ଉଲେଖ ରହିଛି। ମାତ୍ର ମନ୍ଦିରର ଉନ୍ନତି ସୁନାରୀ ସମ୍ପ୍ରଦାୟ ଓ ଗ୍ରାମବାସୀଙ୍କ ସହାୟତାରେ କରାଯାଇଛି। ଏହି ପୁସ୍ତିକା ବଣ୍ଟନ ହେବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। ଏହାକୁ ନେଇ କଂଗ୍ରେସ ସରକାରଙ୍କୁ ସମାଲୋଚନା କରି ମନ୍ଦିରର ଉନ୍ନତିକରଣ କାର୍ଯ୍ୟ କିଏ କରିଛି ବୋଲି ପ୍ରଶ୍ନ ଉଠାଇ ବିକାଶ ପତ୍ରିକାରେ ମିଛ ପ୍ରଚାର ବୋଲି ପ୍ରଚାର କରାଯାଉଥିବା ପଦ୍ମପୁରକୁ ଏନଏସି ଘୋଷଣା କରିବା ଏବଂ ଜାଡିଲି ମନ୍ଦିର ଉନ୍ନତି କାର୍ଯ୍ୟର ତଦନ୍ତ ନ କଲେ ଦଳ ଆଗାମୀ ଦିନରେ ଆନ୍ଦୋଳନ କରିବ ବୋଲି କଂଗ୍ରେସ ଚେତାବନୀ ଦେଇଛି। ଏହି ଖବରଦାତା ସମ୍ମିଳୀରେ ଯୁବ କଂଗ୍ରେସ ପ୍ରବକ୍ତା ଅଭିନାଶ ଗମାଙ୍ଗ,ପଦ୍ମପୁର ବ୍ଲକରଏମପି ପ୍ରତିନିଧି ରାଜୀବ ସାହୁ, ବ୍ଲକ ସଭାପତି ସାହେବ ଶବର, ରାମନାଗୁଡା ବ୍ଲକ ସଭାପତି ବାଞ୍ଛାନିଧି ବେହେରା, ନବୀନ ଚନ୍ଦ୍ର ନାୟକ ବେହେରା,ହୃଷିକେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଛୁଟିଦିନରେ ଡାକି ସର୍ଭର ଡାଉନ କହି ଚାଲିଗଲେ କର୍ମଚାରୀ

ରାୟଗଡ଼ା, ୨୪।୨(ଆଶିଷ ରଞ୍ଜନ ପଣ୍ଡା)

ରାଶନ କାର୍ଡ ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାର ୧ହଜାର ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି। ଏହି ଟଙ୍କା ସମସ୍ତ ଖାଉଟି ସାମଗ୍ରୀ ବିତରଣ କେନ୍ଦ୍ରରେ ମିଳିବ ବୋଲି ସରକାରୀ ନିର୍ଦ୍ଦେଶ ରହିଛି। ନିର୍ଦ୍ଦେଶାନୁଯାୟୀ ସମସ୍ତ ସ୍ଥାନରେ ଏହି ବଣ୍ଟନ ଚାଲିଛି। କିନ୍ତୁ ଶନିବାର ରାୟଗଡ଼ା ସହରର ୧୬ ନଂ. ୱାର୍ଡରେ ଥିବା ଖାଉଟି ସାମଗ୍ରୀ ବିତରଣ କେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ହିତାଧିକାରୀଙ୍କୁ ଛୁଟିଦିନରେ ଡକାଯାଇଥିଲେ ମଧ୍ୟ ସର୍ଭର ଡାଉନ ଅଛି କହି ଖାଉଟି ସାମଗ୍ରୀ ବିତରଣ କେନ୍ଦ୍ର କର୍ମଚାରୀମାନେ ଚାଲିଯାଇଥିଲେ।

ସୂଚନାନୁଯାୟୀ ଶନିବାର ଟଙ୍କା ବଣ୍ଟନ ପାଇଁ ହିତାଧିକାରୀଙ୍କୁ ଡକାଯାଇଥିଲା। ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ ରାଶନ କାର୍ଡ଼ ଧରି ଭୋର ୫ଟାରୁ ସେଠାରେ ଅପେକ୍ଷା କରିଥିଲେ। ୧୦ଟାରେ ସର୍ଭର ଡାଉନ ଅଛି କିଛି ସମୟ ଅପେକ୍ଷା କରିବାକୁ କହି ବିତରଣ କେନ୍ଦ୍ର ବନ୍ଦ କରି ଲୋକମାନେ ଚାଲିଯାଇଥିଲେ।



ହିତାଧିକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ ପାଇଁ ଅପେକ୍ଷା କରିଛନ୍ତି ।

**ସହାୟତା ରାଶି ପାଇଁ ଖାଉଟି ସାମଗ୍ରୀ ବିତରଣ କେନ୍ଦ୍ରରେ ହିତାଧିକାରୀ ହଟହଟା**

ଏହାପରେ ଆଉ ଖାଉଟି ସାମଗ୍ରୀ ବିତରଣ କେନ୍ଦ୍ର ଖୋଲାଯାଇ ନ ଥିଲା । ହିତାଧିକାରୀମାନେ ସେହିଭଳି ସେଠାରେ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷାକରି ରହିଥିଲେ। ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ହିତାଧିକାରୀ ଆସିଥିଲେ। ତେବେ ମାସର ଚତୁର୍ଥ ଶନିବାର ସରକାରୀ ଛୁଟି ହୋଇଥିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ କେହି ଉପସ୍ଥିତ ନ ଥିଲେ। ତେବେ ସରକାରୀ ଛୁଟିଦିନରେ ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ ନାଁରେ ଏଭଳି ଅପେକ୍ଷା କରାଯିବାକୁ ସାଧାରଣରେ ନିନ୍ଦା କରାଯାଇଛି। ଏନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଉମେଶ ଚନ୍ଦ୍ର ସ୍ୱାଇଁଙ୍କୁ ତାଙ୍କ ଟେଲିଫୋନ ନଂ. ୮୩୨୭୭୨୫୬୯୯ରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଁ ତାହା ସମ୍ଭବ ହୋଇ ନ ଥିଲା।

## ଚୋରି ଟଙ୍କା ଜବତ, ୨ ଗିରଫ



ରାୟଗଡା, ୨୪।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ରାମନାଗୁଡ଼ା ପୋଲିସ ଶନିବାର ଟଙ୍କା ଚୋରି ଘଟଣାରେ ସାନଆଚବା ଗ୍ରାମର ୨ ଜଣଙ୍କୁ ଗିରଫ କରିଛି। ଗତ ୧୬ତାରିଖ ସନ୍ଧ୍ୟାରେ ରାମନାଗୁଡ଼ାର ଜଣେ ବ୍ୟବସାୟୀଙ୍କ ଘରୁ ଟଙ୍କା ଚୋରି ନେଇ ସୁନୀଲ ପଲାଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି କୌଣସି ସୂତ୍ରରୁ ଖବର ପାଇ ଶୁକ୍ରବାର ବିଳମ୍ବିତ ରାତିରେ ଦୁଇ ଚୋରଙ୍କୁ ଥାନା ଆଣି ପୋଲିସ ଜେରା କରୁଥିଲା। ଉଭୟ ଚୋରି କରିଥିବା ସ୍ୱୀକାର କରିବା ପରେ ଶନିବାର ତାଙ୍କୁ ଗିରିଫ ପରେ କୋର୍ଟ ଚାଲାଣ କରିବା ସହ ସେମାନଙ୍କଠାରୁ ୧,୭୯,୧୫୦ଟଙ୍କା ଜବତ କରାଯାଇଛି।

# ୪ ପଞ୍ଚାୟତର ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ



କୁମୁଟିପେଣ୍ଠର ଗ୍ରାମ୍ୟ ରୋଜଗାର ସେବିକା ସସ୍ମିତା ପାଣିଗ୍ରାହୀ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି।

ରାୟଗଡ଼ା, ୨୪।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକର ୪ ପଞ୍ଚାୟତର ଶନିବାର ୮୨୩ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ବର୍ଦ୍ଧିତ ଭତ୍ତା ଏବଂ ଜାତୀୟ ସାମାଜିକ ସହାୟତା ଯୋଜନାରେ ୬୭୪ଜଣଙ୍କୁ ବର୍ଦ୍ଧିତ ପେନସନ ରାଶି ପ୍ରଦାନ କରାଯାଇଛି । କୁମୁଟିପେଣ୍ଠ ପଞ୍ଚାୟତର ୩୮୫, କୁଟୁଳିର ୧୦୯, ମିରାବାଲି ୫୪୮ ଓ ଜେମାଦେଇପେଣ୍ଠ ପଞ୍ଚାୟତର ୪୪ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ ଗରିବ ହିତାଧିକାରୀଙ୍କ ଆର୍ଥିକସ୍ଥିତ ସ୍ୱଚ୍ଛଳ କରିବା ପାଇଁ ଚଳିତ ବଜେଟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥି ସହିତ ସେମାନଙ୍କୁ ସାମାଜିକସ୍ତରରେ ସୁରୁଖୁରୁରେ ଜୀବନଯାପନ ପାଇଁ ଆର୍ଥିକ ସହାୟତା ବାବଦରେ ଭତ୍ତା ରାଶିରେ ବୃଦ୍ଧି ଘୋଷଣା କରିବା ସହିତ ଚଳିତ ମାସରୁ ଏହା ଲାଗୁ କରାଯାଇଛି। ଏହି ଭତ୍ତା କିଭଳି ସିଧାସଳଖ ହିତାଧିକାରୀଙ୍କ ନିକଟକୁ ପହଞ୍ଚିବ ସେ ନେଇ ବ୍ଲକସ୍ତରରେ ସାମାଜିକ ସୁରକ୍ଷା ବିଭାଗକୁ ଗୁରୁଦାୟିତ୍ୱ ଦିଆଯାଇଛି। ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବର୍ଦ୍ଧିତ ଭତ୍ତା ଘୋଷଣା ପରେ ପ୍ରଥମ ମାସରେ ହିତାଧିକାରୀଙ୍କୁ ପଞ୍ଚାୟତସ୍ତରରେ ଟଙ୍କା ବଣ୍ଟନ କରାଯାଉଛି।

# ସ୍ୱଚ୍ଛ, ଅବାଧ ନିର୍ବାଚନ ପରିଚାଳନା ନେଇ ତାଲିମ

ରାୟଗଡ଼ା, ୨୪।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଚଳିତ ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଓ ଅବାଧ ଭାବରେ ଆୟୋଜନ ଓ ଏହାକୁ ତଦାରଖ କରିବା ପାଇଁ ଏକ ତାଲିମ କାର୍ଯ୍ୟକ୍ରମ କରାଯାଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମନୋଜ ସତ୍ୟୱାନ ମହାଜନ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼, ଷ୍ଟାଟିକ ସର୍ଭେଲାନ୍ସ ଟିମ୍, ଆସିଷ୍ଟାଣ୍ଟ ଏକ୍ସପେଣ୍ଡିଚର ଅବଜରଭର,



ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ନରେନ୍ଦ୍ର ନାୟକ ତାଲିମ ପ୍ରଦାନ କରୁଛନ୍ତି।

ବିଡିଓମାନେ ଏଥିରେ ସାମିଲ ଥିଲେ। ଡେପୁଟି କଲେକ୍ଟର ସୂର୍ଯ୍ୟମଣି ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ନରେନ୍ଦ୍ର ନାୟକ, ବିଷମକଟକ ତହସିଲଦାର କେ.ଭେଙ୍କେଟେଶ୍ୱର ରାଓ, ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, କାଶୀପୁର ତହସିଲଦାର ସୁନୀଲ ପ୍ରଧାନ, ଡେପୁଟି କଲେକ୍ଟର କୃଷ ଦାସ, ସହକାରୀ ଜିଲାପାଳ ମୃତ୍ୟୁଞ୍ଜୟ ବରାଳ ଓ ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଏଥିରେ ଜିଲାର ସମସ୍ତ ବିଡ଼ିଓ, ତହସିଲଦାର ଓ ନିର୍ବାଚନରେ ସାମିଲ ହୋଇଥିବା ଅନ୍ୟ ଅଧିକାରୀମାନେ ତାଲିମ ନେଇଥିଲେ।

# ସଙ୍ଗମ ଘାଟରେ ମାଘ ବୁଡ଼, ଗଙ୍ଗା ଆଳତି

ଗୁଣପୁର, ୨୪।୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସହର ଲିମାମେଡ଼ା ଗ୍ରାମ ନିକଟରେ ଥିବା ଦକ୍ଷିଣ ଓଡ଼ିଶାର ଏକମାତ୍ର ତ୍ରିବେଣୀ ସଙ୍ଗମ ସ୍ଥଳରେ ଶନିବାର ମାଘ ପୂର୍ଣ୍ଣିମା ଅବସରରେ ବୁଡ଼, ହୋମଯଜ୍ଞ ଓ ଗଙ୍ଗା ଆଳତି କରାଯାଇଛି। ଲିମାମେଡ଼ା ଓ ଗୁଣପୁରର କେତେଜଣ ଶ୍ରଦ୍ଧାଳୁଙ୍କ ଉଦ୍ୟମରେ ପୁଣି ଥରେ ଏଠାରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇଛି। ଗୁଣପୁର, ଲିମାମେଡା, ଚାଲକମା, ପଦ୍ମପୁର ଆଦି ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ଭୋରରୁ ଏଠାରେ ବୁଡ଼ ପକାଇଥିଲେ। ସମସ୍ତଙ୍କ ସହଯୋଗରେ ଏଠାରେ ପ୍ରତିଦିନ ସନ୍ଧ୍ୟାରେ ଗଙ୍ଗା ଆଳତି କରିବା ପାଇଁ ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି। ସ୍ୱାମୀ ନିର୍ବାଣନନ୍ଦ ଗିରି, ଗଣେଶ ଚନ୍ଦ୍ର ରଥ, ଗୌରଚନ୍ଦ୍ର ସେନାପତି, ରାମଚନ୍ଦ୍ର ବେବର୍ତ୍ତା, କୃଷ୍ଣଚନ୍ଦ୍ର ବେବର୍ତ୍ତା, ସନ୍ତୋଷ କୁମାର ପଣ୍ଡା, ଗଜେନ୍ଦ୍ର ଦଳପତି, ନବୀନ ଚନ୍ଦ୍ର ଗୁରୁ, ଅଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାନୁଯାୟୀ, ଏଠାରେ ବଂଶଧାରା, ପୁରାଣ ବର୍ଣ୍ଣିତ ପବିତ୍ର ମହେନ୍ଦ୍ରତନୟା ଓ ଅନେକ ଛୋଟ ବଡ଼ ନାଳର ସଙ୍ଗମସ୍ଥଳୀ ଥିବାବେଳେ ଆବଶ୍ୟକ ପ୍ରଚାରପ୍ରସାର ଅଭାବରୁ ଲୋକଲୋଚନକୁ ଆସିପାରୁ ନାହିଁ। ଏହି ସ୍ଥାନର ଗୁରୁତ୍ୱ ଓ ଗରିମା ରହି ଆସିଛି। ପୂର୍ବରୁ ବେଦାନ୍ତ ଆଶ୍ରମ ପିଠାଧୀଶ ସ୍ୱର୍ଗତ ସ୍ୱାମିଜୀ ବିଦ୍ୟାନନ୍ଦ ସାଗର ଏହି ସ୍ଥାନରେ ଯଜ୍ଞ କାର୍ଯ୍ୟସମ୍ପନ୍ନ କରୁଥିଲେ। ଆବଶ୍ୟକ ସହଯୋଗ ସହାୟତା ଅଭାବରୁ ଏହା ବନ୍ଦ ହୋଇଯାଇଥିଲା। ଦକ୍ଷିଣ ଓଡ଼ିଶାର ଏକମାତ୍ର ସଙ୍ଗମସ୍ଥଳ ହୋଇଥିବାରୁ ଏହାର ବିକାଶ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ପାଇଁ ମତ ପ୍ରକାଶ ପାଇଛି। ଏହାକୁ ପୁନରୁଦ୍ଧାର କରାଗଲେ ଏହି ସ୍ଥାନର ଗରିମା ବଢ଼ିବା ସହ ଆଧ୍ୟାତ୍ମିକ ଓ ପର୍ଯ୍ୟଟନ କ୍ଷେତ୍ରର ମଧ୍ୟ ବିକାଶ ଘଟିବ ବୋଲି କୁହାଯାଇଛି।



ସଙ୍ଗମ ଘାଟରେ ପୂଜାର୍ଚ୍ଚନା ଚାଲିଛି।

# କ୍ଷୁଦ୍ରଶସ୍ୟ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ କମୁଛି

ରାୟଗଡ଼ା, ୨୪।୨(ଭାଗ୍ୟଶ୍ରୀ ମିଶ୍ର)

- ବିଲୁପ୍ତହେବାକୁ ବସିଲାଣି ପୁରାତନ ଖାଦ୍ୟଶସ୍ୟର ଉତ୍ପାଦନ
- ପ୍ରୋଟିନ, ପୁଷ୍ଟିସାର, ପୋଷଣ ତତ୍ତ୍ୱରେ ଭରପୂର କ୍ଷୁଦ୍ରଶସ୍ୟ

ଆଦିବାସୀଙ୍କର ଖାଦ୍ୟଶସ୍ୟକୁ ସରକାର ମିଲେଟ ମିଶନରେ ସାମିଲ କରିଛନ୍ତି। କ୍ଷୁଦ୍ରଶସ୍ୟ ଚାଷ ପ୍ରତି ରାଜ୍ୟ ସରକାର ପ୍ରୋତ୍ସାହନ ଦେଉଛନ୍ତି । ମିଲେଟ ମିଶନ ଅଧୀନରେ ମାଣ୍ଡିଆ ଚାଷ କ୍ଷେତ୍ରରେ ରାୟଗଡ଼ା ଜିଲା ଶ୍ରେଷ୍ଠ ପ୍ରଦର୍ଶନ କରିଛି। ମାଣ୍ଡିଆ ଉତ୍ପାଦନ ପାଇଁ ସରକାର ଅଧିକ ଗୁରୁତ୍ୱ ଦେଉଥିବାବେଳେ ମିଲେଟ ମିଶନ ଅଧୀନରେ ଥିବା ଅନ୍ୟ କ୍ଷୁଦ୍ରଶସ୍ୟ ସୁଆଁ, ଯଅ, ବାଜରା, କାଙ୍ଗୁ, କୋଦ, ଖିରା ଆଦି ଶସ୍ୟ ଚାଷ ପାଇଁ ସରକାରୀ ପ୍ରୋତ୍ସାହନ ମିଳୁନାହିଁ। ବିଶେଷକରି ଆଦିବାସୀମାନେ ନିଜର ଖାଦ୍ୟଶସ୍ୟ ଭାବେ ଏହି କ୍ଷୁଦ୍ରଶସ୍ୟକୁ ବ୍ୟବହାର କରିଥାନ୍ତି। ଏହାସହ ଅଧିକ କିଛି ଉତ୍ପାଦନ କରି ପୂର୍ବରୁ ବିକ୍ରି କରି ଦୁଇପଇସା ରୋଜଗାର କରୁଥିଲେ। ହେଲେ ଏହି ଅଣ ମାଣ୍ଡିଆ ଚାଷ ପ୍ରତି କୌଣସି ଆଖିଦୃଶିଆ ଲାଭ ହେଉ ନ ଥିବାବେଳେ ବଜାରୀକରଣ ସୁବିଧା ନ ଥିବାରୁ ଚାଷୀମାନେ ଆଉ କ୍ଷୁଦ୍ରଶସ୍ୟ ଚାଷ କରିବାକୁ ମନ ବଳାଉନାହାନ୍ତି । ଫଳରେ ଏହି ସବୁ କ୍ଷୁଦ୍ରଶସ୍ୟ ଚାଷ ରାୟଗଡ଼ା ଜିଲାରେ ଏତେ ସଫଳ ହୋଇପାରୁ ନ ଥିବା ଜଣାପଡ଼ିଛି। ତେଣୁ ଜିଲାରେ ପୁରାତନ ଖାଦ୍ୟଶସ୍ୟର ଉତ୍ପାଦନ ଲୋପପାଇବାକୁ ବସିଲାଣି ବୋଲି ଚାଷୀମାନେ କହିଛନ୍ତି।

ରାୟଗଡ଼ା ବ୍ଲକର ଜାମୁଲିମା ଗ୍ରାମର ମହିଳା ଚାଷୀ ସବିତା କୁଟରୁକା କହିଛନ୍ତି, ଅଣ ମାଣ୍ଡିଆ ଚାଷରେ ସୁଆଁ ଚାଷ କରିଥିଲୁ। ହେଲେ ଏହି ଚାଷରୁ ଲାଭ ପରିବର୍ତ୍ତେ କ୍ଷତି ସହିବାକୁ ପଡୁଛି । ଅନ୍ୟ ସମସ୍ତ ଶସ୍ୟ ବିକ୍ରିର ବ୍ୟବସ୍ଥା ରହିଛି, ହେଲେ କ୍ଷୁଦ୍ରଶସ୍ୟ ବିକ୍ରି ପାଇଁ ସରକାରଙ୍କ ତରଫରୁ କୌଣସି ମଣ୍ଡି ବ୍ୟବସ୍ଥା ନାହିଁ। ତେଣୁ ଏହି ଚାଷ ଛାଡି ବର୍ତ୍ତମାନ ଧାନଚାଷ କରୁଛୁ ବୋଲି କହିଛନ୍ତି। ସେହିପରି ରାୟଗଡ଼ା ବ୍ଲକ ପିତାମହଲ ଗ୍ରାମର ରମେଶ କୁଲେସିକା କହିଛନ୍ତି, କ୍ଷୁଦ୍ରଶସ୍ୟ ଚାଷରେ କୌଣସି ଲାଭ ନ ଥିବାରୁ ଏହି ଚାଷ କମ୍ ପରିମାଣର କରୁଛୁ। କେବଳ ଘରୋଇ ବ୍ୟବହାର ପାଇଁ ଚାଷ କରୁଛୁ ବୋଲି ରମେଶ କହିଛନ୍ତି। କ୍ଷୁଦ୍ରଶସ୍ୟ ମାଣ୍ଡିଆ ପରି ଅତ୍ୟଧିକ ପୁଷ୍ଟିକର, ପୋଷଣତତ୍ତ୍ୱ, ରକ୍ତହୀନତା ଦୂରକରିବା କ୍ଷମତା, ତ୍ରିଦୋଷ ନାସକ,ବଳ ବର୍ଦ୍ଧକ



କ୍ଷମତା ରହିଥାଏ। ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ ମେଡିସିନ ବିଭାଗର ବିଶେଷଜ୍ଞ ଡ.ସୁରେଶ ଦେ କହିଛନ୍ତି, ମାଣ୍ଡିଆରେ ପୁଷ୍ଟିସାର ୭.୩ ଥିବା ବେଳେ ବାଜରାରେ ୧୦ରୁ ଅଧିକ ରହୁଛି। ତେଣୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକର।

କୃଷି ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, ଅଣ ଧାନ ଚାଷୀ ଚିହ୍ନଟ ସ୍ୱତନ୍ତ୍ର ଭାବେ ହେବା କଥା । କିନ୍ତୁ ଏହାକୁ ସ୍ୱତନ୍ତ୍ର ଭାବେ ଚିହ୍ନଟ କରା ନ ଯାଇ ମାଣ୍ଡିଆ ଶସ୍ୟ ସହ ମିଶାଇ ତଥ୍ୟ ଦେଖାଯାଉଛି । ଫଳରେ ଅଣ ମାଣ୍ଡିଆ ଚାଷୀଙ୍କୁ ପ୍ରାଧାନ୍ୟ ମିଳୁ ନ ଥିବା ଅଭିଯୋଗ ହେଉଛି। ୨୦୨୨-୨୩ ରେ ଜିଲାରେ ୨୦୯୧ ଚାଷୀ ୧୫ ହଜାର ୫୪.୨ ହେକ୍ଟର ଚାଷ ଜମିରେ କ୍ଷୁଦ୍ରଶସ୍ୟ ଚାଷକରିଥିଲେ । ୨୦୨୩-୨୪ରେ ୫୬୫୪ ଜଣ ଚାଷୀ ୨୬୬୨.୧ ହେକ୍ଟର ଚାଷ ଜମିରେ ଅଣ ମାଣ୍ଡିଆ ଚାଷ କରିଛନ୍ତି । କିନ୍ତୁ ଏମାନଙ୍କ ମଧ୍ୟରୁ ଅନେକ ଆଦିବାସୀ ନିଜର ଘରୋଇ ବ୍ୟବହାର ପାଇଁ ଏହି ଚାଷ କରିଥାନ୍ତି । ଅନ୍ୟପଟେ ଖରିଫ ଏବଂ ରବି ଋତୁରେ ଧାନ ଚାଷ ହେଉ କି ମାଣ୍ଡିଆ କିମ୍ବା କପା ବିକ୍ରି ପାଇଁ ମଣ୍ଡିର ବ୍ୟବସ୍ଥା କରାଯାଉଥିଲେ ମଧ୍ୟ କ୍ଷୁଦ୍ରଶସ୍ୟ ବିକ୍ରି ପାଇଁ ସେପରି କୌଣସି ବ୍ୟବସ୍ଥା ନାହିଁ । ଜିଲାରେ ଅଣ ମାଣ୍ଡିଆ ଚାଷ ବୃଦ୍ଧି କରିବାକୁ ସରକାର ହେକ୍ଟର ପିଛା ପ୍ରଥମ ବର୍ଷ ୧୦ହଜାର, ୨ୟ ବର୍ଷ ୭୫୦୦,୩ୟ ବର୍ଷ ୫ ହଜାର, ୪ର୍ଥ ଏବଂ ୫ ମ ବର୍ଷ ୨୦୦୦ ପ୍ରୋତ୍ସାହନ ରାଶି ଦିଆଯିବାର ବ୍ୟବସ୍ଥା ରହିଛି। ହେଲେ ଗ୍ରାମାଞ୍ଚଳର ଚାଷୀ ସରକାରୀ ପ୍ରୋତ୍ସାହନ ବିଷୟରେ ଜାଣି ନ ଥିବାରୁ ଏହାର ଲାଭ ଉଠାଇ ପାରୁନାହାନ୍ତି। କ୍ଷୁଦ୍ରଶସ୍ୟ ଚାଷୀମାନଙ୍କୁ ସରକାରୀସ୍ତରରେ ସଚେତନ କରାଯିବା ସହ ବଜାରୀକରଣ ସୁବିଧା କରାଗଲେ ଚାଷୀମାନେ ପୁରାତନ ଖାଦ୍ୟଶସ୍ୟ ଚାଷ କରିବାକୁ ଆଗ୍ରହ ପ୍ରକାଶ କରନ୍ତେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି । ଏ ସମ୍ପର୍କରେ କୃଷି ବିକାଶ ଅଧିକାରୀ ସୁମନ ସିଂ କହିଛନ୍ତି, କୃଷି ବିଭାଗ ପକ୍ଷରୁ ଅନ୍ୟ ଚାଷ ପରି କ୍ଷୁଦ୍ରଶସ୍ୟ ଚାଷ ପ୍ରତି ଚାଷୀଙ୍କୁ ପ୍ରୋତ୍ସାହନ ଦିଆଯାଉଛି। କିନ୍ତୁ ଚାଷୀ ଏହି କ୍ଷୁଦ୍ରଶସ୍ୟ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି । ଯେପରି ଲୋକେ କ୍ଷୁଦ୍ରଶସ୍ୟ ଚାଷ ପ୍ରତି ଆକୃଷ୍ଟ ହେବେ ସେ ନେଇ କୃଷି ବିଭାଗ ପକ୍ଷରୁ ଅଧିକ ସଚେତନ କରାଯିବ ବୋଲି ସିଂ କହିଛନ୍ତି।

**ସଂକ୍ଷେପରେ**

## ସଙ୍ଗମ ଘାଟରେ ମାଘ ବୁଡ଼, ଗଙ୍ଗା ଆଳତି

ଗୁଣପୁର,୨୪।୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସହର ଲିମାମେଡ଼ା ଗ୍ରାମ ନିକଟରେ ଥିବା ଦକ୍ଷିଣ ଓଡ଼ିଶାର ଏକମାତ୍ର ତ୍ରିବେଣୀ ସଙ୍ଗମ ସ୍ଥଳରେ ଶନିବାର ମାଘ ପୂର୍ଣ୍ଣିମା ଅବସରରେ ବୁଡ଼, ହୋମଯଜ୍ଞ ଓ ଗଙ୍ଗା ଆଳତି କରାଯାଇଛି। ଲିମାମେଡ଼ା ଓ ଗୁଣପୁରର କେତେଜଣ ଶ୍ରଦ୍ଧାଳୁଙ୍କ ଉଦ୍ୟମରେ ପୁଣି ଥରେ ଏଠାରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇଛି। ଗୁଣପୁର, ଲିମାମେଡ଼ା, ଚାଲକମା, ପଦ୍ମପୁର ଆଦି ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ଭୋରରୁ ଏଠାରେ ବୁଡ଼ ପକାଇଥିଲେ। ସମସ୍ତଙ୍କ ସହଯୋଗରେ ଏଠାରେ ପ୍ରତିଦିନ ସନ୍ଧ୍ୟାରେ ଗଙ୍ଗା ଆଳତି କରିବା ପାଇଁ ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି। ସ୍ୱାମୀ ନିର୍ବାଣନନ୍ଦ ଗିରି, ଗଣେଶ ଚନ୍ଦ୍ର ରଥ, ଗୌରଚନ୍ଦ୍ର ସେନାପତି, ରାମଚନ୍ଦ୍ର ବେବର୍ତ୍ତା, କୃଷ୍ଣଚନ୍ଦ୍ର ବେବର୍ତ୍ତା, ସନ୍ତୋଷ କୁମାର ପଣ୍ଡା, ଗଜେନ୍ଦ୍ର ଦଳପତି, ନବୀନ ଚନ୍ଦ୍ର ଗୁରୁ, ଅଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାନୁଯାୟୀ, ଏଠାରେ ବଂଶଧାରା, ପୁରାଣ ବର୍ଣ୍ଣିତ ପବିତ୍ର ମହେନ୍ଦ୍ରତନୟା ଓ ଅନେକ ଛୋଟ ବଡ଼ ନାଳର ସଙ୍ଗମସ୍ଥଳୀ ଥିବାବେଳେ ଆବଶ୍ୟକ ପ୍ରଚାରପ୍ରସାର ଅଭାବରୁ ଲୋକଲୋଚନକୁ ଆସିପାରୁ ନାହିଁ। ଏହି ସ୍ଥାନର ଗୁରୁତ୍ୱ ଓ ଗରିମା ରହି ଆସିଛି। ପୂର୍ବରୁ ବେଦାନ୍ତ ଆଶ୍ରମ ପିଠାଧୀଶ ସ୍ୱର୍ଗତ ସ୍ୱାମିଜୀ ବିଦ୍ୟାନନ୍ଦ ସାଗର ଏହି ସ୍ଥାନରେ ଯଜ୍ଞ କାର୍ଯ୍ୟସମ୍ପନ୍ନ କରୁଥିଲେ। ଆବଶ୍ୟକ ସହଯୋଗ ସହାୟତା ଅଭାବରୁ ଏହା ବନ୍ଦ ହୋଇଯାଇଥିଲା। ଦକ୍ଷିଣ ଓଡ଼ିଶାର ଏକମାତ୍ର ସଙ୍ଗମସ୍ଥଳ ହୋଇଥିବାରୁ ଏହାର ବିକାଶ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ପାଇଁ ମତ ପ୍ରକାଶ ପାଇଛି। ଏହାକୁ ପୁନରୁଦ୍ଧାର କରାଗଲେ ଏହି ସ୍ଥାନର ଗରିମା ବଢ଼ିବା ସହ ଆଧାତ୍ମିକ ଓ ପର୍ଯ୍ୟଟନ କ୍ଷେତ୍ରର ମଧ୍ୟ ବିକାଶ ଘଟିବ ବୋଲି କୁହାଯାଇଛି।

## ଗଦଗଦା ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ

ପଦ୍ମପୁର, ୨୪।୨(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ପାଖଗୁମୁଡ଼ାରୁ ଝରା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଅବସ୍ଥିତ ଗଦଗଦା ଶୈବପୀଠରେ ଶନିବାର ମାଘ ପୂର୍ଣ୍ଣିମା ପାଳିତ ହୋଇଛି। ଏହି ଅବସରରେ ଏଠାରେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ପାହାଡ଼ ପର୍ବତ ଘେରା ପଥର ଖୋଲ ମଧ୍ୟରେ ମହାପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ପୂଜା ପାଆନ୍ତି। ଚଳିତ ବର୍ଷ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବ୍ୟାରିକେଟ କରାଯାଇଛି। ଆଇନ୍ ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ମୁତୟନ କରାଯାଇଥିଲା। ପ୍ରକାଶ ଯେ, ପ୍ରତିବର୍ଷ ଏଠାରେ ହଜାର ହଜାର ଭକ୍ତ ଏହି ପ୍ରାକୃତିକ ଦୃଶ୍ୟ ଦେଖିବାକୁ ଭିଡ଼ ଜମାଉଛନ୍ତି। ଏହି ଶୈବପୀଠକୁ କିନ୍ତୁ ଏବେ ଯାଏ ପକ୍କା ରାସ୍ତା ଟିଏ ନାହିଁ। ଫଳରେ ଲୋକେ ପାଦଚଲା ମାଟି ରାସ୍ତାରେ ଯାଉଛନ୍ତି। ପାହାଚଗୁଡ଼ିକ ଭାଙ୍ଗିଯାଇଥିଲେ ମଧ୍ୟ ମରାମତି କରାଯାଇ ନାହିଁ। ପିଇବା ପାଣି ସମସ୍ୟା ସାଙ୍ଗକୁ ଏହି ପୀଠରେ ବିଜୁଳି ଆଲୋକ ବ୍ୟବସ୍ଥା ନାହିଁ। ଭକ୍ତମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହିଭଳି ଶୈବପୀଠ ପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ୧୬୩୦ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ନବରଙ୍ଗପୁର,୨୪।୨(ସଦାଶିବ ପ୍ରହରାଜ)


ଅତିଥିଙ୍କ ସହ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଜିଲା ଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ଆରସିଡି ହାଇସ୍କୁଲ ପଡ଼ିଆରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ୧୬୩୦ ଜଣଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲା ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ଉଠା ଜଳ ସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଜିଲାପାଳ କମଳ ଲୋଚନ ମିଶ୍ର, ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରେଶମ ଲାଲ ନାୟକ, କୋଷାଗୁମୁଡା ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝି, ନନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝି ଓ ଉମରକୋଟ ପୌରସଂସ୍ଥା ଉପାଧ୍ୟକ୍ଷ ପ୍ରମୁଖ ସମ୍ମାନୀତ ଅତିଥିଭାବେ ମଞ୍ଚସୀନ ଥିଲେ। ଶିକ୍ଷାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅନେକ କାର୍ଯ୍ୟକ୍ରମ କରୁଛନ୍ତି। ହାଇସ୍କୁଲ ରୂପାନ୍ତରଣ କରାଯାଇ ସ୍ମାର୍ଟ କ୍ଲାସ ରୁମ୍, ଲାଇବ୍ରେରୀ ଓ କମ୍ପ୍ୟୁଟର ଶିକ୍ଷା ଭଳି ଅନେକ ସୁବିଧା ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା ଉଦ୍ଦେଶ୍ୟରେ କରାଯାଇଛି। ଉତ୍ତମ ଶିକ୍ଷା ପାଇ ଛାତ୍ରୀଛାତ୍ର କିଭଳି ସେମାନଙ୍କ ଭବିଷ୍ୟତ ଗଠନ କରିବେ ସେ ଦିଗରେ ମୁଖ୍ୟମନ୍ତ୍ରୀ ଚିନ୍ତା କରି ଆସିଛନ୍ତି ବୋଲି ଏମ୍‌ପି କହିଛନ୍ତି। ଶିକ୍ଷା ସହିତ କ୍ରୀଡ଼ା, କଳାର ବିକାଶ କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ କରାଯାଇଛି ବୋଲି ସେ କହିଥିଲେ।

୮୪ଜଣ ଜିଲାସ୍ତରୀୟ ଛାତ୍ରୀଛାତ୍ର ଏକାଡେମିକ ପୁରସ୍କାର ୧୦ ହଜାର ଟଙ୍କା ଲେଖାଏ ପାଇବେ। ଯାହା ସିଧାସଳଖ ସେମାନଙ୍କ ଆକାଉଣ୍ଟକୁ ଯିବ। ସେହିଭଳି ୧୦୧୮ ଜଣଙ୍କୁ ବ୍ଲକସ୍ତରୀୟ ଛାତ୍ରୀଛାତ୍ର ଏକାଡେମିକ ପୁରସ୍କାର ୫ହଜାର ଟଙ୍କା ଲେଖାଏ ସେମାନଙ୍କ ଆକାଉଣ୍ଟକୁ ଯିବା ବ୍ୟବସ୍ଥା କରାଯାଇଛି। ସେହିଭଳି ବ୍ଲକସ୍ତରୀୟ ଛାତ୍ର ଲିଡରସିପ ପୁରସ୍କାର ୪୨୩ ଜଣଙ୍କୁ ୩ହଜାର ଟଙ୍କା ଲେଖାଏ ଦିଆଯିବ। ବ୍ଲକସ୍ତରୀୟ ବିଦ୍ୟାଳୟ (ହାଇସ୍କୁଲ) ପୁରସ୍କାର ୩୦ ସ୍କୁଲକୁ ୩ଲକ୍ଷ ଟଙ୍କା ଲେଖାଏ, ସେହିଭଳି ବ୍ଲକସ୍ତରୀୟ ବିଦ୍ୟାଳୟ (ପ୍ରାଥମିକ/ ଉଚ୍ଚପ୍ରାଥମିକ)ପୁରସ୍କାର ୨୭ ବିଦ୍ୟାଳୟକୁ ୧ଲକ୍ଷ ଟଙ୍କା ଲେଖାଏ ମିଳିବ। ବ୍ଲକସ୍ତରୀୟ ଆଲୁମିନି ପୁରସ୍କାର ୧୦ ବିଦ୍ୟାଳୟକୁ ୩ହଜାର ଟଙ୍କା ଲେଖାଏ, ବ୍ଲକସ୍ତରୀୟ ସିଏମ୍‌ସି ଆୱାର୍ଡ ୧୦ବିଦ୍ୟାଳୟକୁ ୩ହଜାର ଟଙ୍କା ଲେଖାଏ ସ୍କୁଲ ଆକାଉଣ୍ଟକୁ ଯିବ। ବ୍ଲକସ୍ତରୀୟ ଜିପି ଆୱାଡ ୮ଗୋଟିକୁ ୧ ଲକ୍ଷ ଟଙ୍କା, ବ୍ଲକସ୍ତରୀୟ (ସେକେଣ୍ଡାରି) ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଆୱାର୍ଡ ୧୦ ଜଣଙ୍କୁ ୨୫ ହଜାର ଟଙ୍କା ଲେଖାଏ ଏବଂ ବ୍ଲକସ୍ତରୀୟ ଶିକ୍ଷୟିତ୍ରୀ ଶିକ୍ଷକ (ଏଲିମେଣ୍ଟାରି) ଆୱାର୍ଡ ୧୦ ଜଣଙ୍କୁ ୨୫ହଜାର ଟଙ୍କା ଲେଖାଏ ସେମାନଙ୍କ ଆକାଉଣ୍ଟ କୁ ଯିବ ବୋଲି ସୂଚନା ଦିଆଯାଇଛି। ପ୍ରଦୀପ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଯୋଜନା ସଂଯୋଜକ ପ୍ରଦୀପ୍ତ କୁମାର ଷଡଙ୍ଗୀ, ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ସମେତ ଶିକ୍ଷା ବିଭାଗର ବହୁ ଅଧିକାରୀ ଏବଂ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ୧୦ ବ୍ଲକ ବିଇଓ ଏବଂ ଜିଲାର ୧୦ ବ୍ଲକର ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଅର୍ଥ ବାଧକ, ଦେଶୀ ଚିକିତ୍ସା ଭରସା

ଡାବୁଗାଁ, ୨୪।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

**ସରକାରୀ ସହାୟତା ଅପେକ୍ଷାରେ ବୃଦ୍ଧ**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ମେଦନା ପଞ୍ଚାୟତ ମେଦନା ଗ୍ରାମର ନର ମାଳି (୭୦)ଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଅର୍ଥ ଅଭାବରୁ ଦେଶୀ ଚିକିତ୍ସା ହିଁ ଭରସା। ସେ ଏବେ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି।

ଡାବୁଗାଁ ବ୍ଲକ ମେଦନା ଗ୍ରାମର ନର ମାଳି। ସ୍ତ୍ରୀ ତୁଳସୀ, ପୁଅ ବୋହୂ, ନାତୁଣୀ ନାତିଙ୍କୁ ନେଇ ତାଙ୍କ ପରିବାର। ନର ବିଭିନ୍ନ ଗ୍ରାମରେ ପ୍ରତିଦିନ ମୁଢ଼ି ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। ୩ ମାସ ପୂର୍ବେ ନର ଲାଞ୍ଜିଆଗୁଡ଼ା ଗ୍ରାମକୁ ମୁଢ଼ି ବିକ୍ରି କରିବା ନିମନ୍ତେ ଯାଉଥିବାବେଳେ ହଠାତ୍ ମୁଣ୍ଡ ବୁଲାଇ ସାଇକେଲରୁ ପଡ଼ି ଯାଇଥିଲେ। ଏହାପରେ ତାଙ୍କ ଜଙ୍ଘରେ ଗଭୀର ଆଘାତ ହୋଇଥିଲା। ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଟଙ୍କା ନ ଥିବାରୁ ପରିବାର ଲୋକେ ବୃଦ୍ଧଙ୍କୁ ଘରକୁ ଫେରାଇ ଆଣିଥିଲେ। ଘରେ ଆସି ଦେଶୀ ଚିକିତ୍ସା କରୁଛନ୍ତି। ଦେଶୀ ଚିକିତ୍ସା କରିବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ନର ସୁସ୍ଥ ହେଉନାହାନ୍ତି। ତେଣୁ ନରଙ୍କ ଉତ୍ତମ ଚିକିତ୍ସା ନିମନ୍ତେ ପୁଅ


ମୁରଲୀ ଓ ପରିବାର ଲୋକେ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି।

# ମା' କାଳୀ କଙ୍କାଳିଙ୍କ ମନ୍ଦିର ରତ୍ନମୁଦ କାର୍ଯ୍ୟକ୍ରମ


ପୂଜାସ୍ଥଳରେ ପୂଜକ ଓ ଅନ୍ୟମାନେ।

ଉମରକୋଟ, ୨୪।୨ (ସନ୍ତୋଷ ଶତପଥୀ)

ଉମରକୋଟ ବ୍ଲକ ଅଧୀନ ବୁର୍ଜା ପଞ୍ଚାୟତ ଖାଲବେଡ଼ାରେ ମା କାଳୀ କଙ୍କାଳିଙ୍କ ମନ୍ଦିରରେ ରତ୍ନମୁଦ କାର୍ଯ୍ୟକ୍ରମ ଶେଷ ହୋଇଛି। ଗୁରୁବାରରୁ ଏହି ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୁରୁବାର ଅଙ୍କୁରୋଦ୍‌ପଣ, ସାଲାସଂସ୍କାର କରଯାଇଥିଲା। ଶୁକ୍ରବାର ୨୦୦ରୁ ଉର୍ଦ୍ଧ୍ୱ ମହିଳା ଏକ ବିରାଟ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ଜଳାଶୟରୁ ଜଳ ଆଣିଥିଲେ। ଏଥିସହ ବନଜାଗ ଓ ଯଜ୍ଞ କର୍ମ ଆରମ୍ଭ ହୋଇଥିଲା। ଶନିବାର ରତ୍ନମୁଦ ପ୍ରତିଷ୍ଠା, ଇନ୍ଦ୍ର ଇନ୍ଦ୍ରାଣୀ ସ୍ଥାପନ ଓ ପୂର୍ଣ୍ଣାହୁତି କରାଯାଇଛି। ଏହି ଉତ୍ସବରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଦୀପ ମାଝି, ରାଇଘର ବ୍ଲକ ଅଧ୍ୟକ୍ଷ ନବିନା ନାୟକ, ପୂର୍ବତନ ବିଜେଡି ବିଧାୟକ ସୁବାସ ଗଣ୍ଡ, ଉମରକୋଟ ବ୍ଲକ୍ ଅଧ୍ୟକ୍ଷା ସୁଶୀଳା ମାଝି, କାଉନସିଲର ତପନ ଦେବନାଥ, ଦେବୀ ସିଂ ମାଝି, ମନୋଜ ଧଳ, ବିନୋଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୂଜକ ସତ୍ୟ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ ପୂଜା କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି। ଚାରିଜଣ ମୁଖ୍ୟ ପୂଜକଙ୍କୁ ସହଯୋଗ କରିଥିଲେ। ଅନ୍ୟପଟେ ଶନିବାର ମନସ୍କାମନା କରି ଗ୍ରାମବାସୀ ତଥା ଅଞ୍ଚଳବାସୀ ଚାଉଳ, ସୁନା, ରୁପା, ଧାନ ଆଦି ଏହି ରତ୍ନ ମୁଦରେ ପକାଇଥିଲେ। ସୂଚନାନୁଯାୟୀ ମା' ଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ସାତପାଲି ଗ୍ରାମର ଲୋକଙ୍କ ଅନେକ ଦିନର ସ୍ୱପ୍ନ ରହିଥିଲା। ବୁର୍ଜା ଗ୍ରାମର ବିର ସିଂ ମାଝିଙ୍କ ପ୍ରଚେଷ୍ଟାରେ ୫-ଟି ଅଧ୍ୟକ୍ଷଙ୍କୁ ଆର୍ଥିକ ସହାୟତା ପାଇଁ ଅନୁରୋଧ କରିଥିଲେ। ମନ୍ଦିର ପାଇଁ ୧୪ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ଉକ୍ତ ସହାୟତା ରାଶି ବ୍ୟବହାର କରି ମନ୍ଦିର କାର୍ଯ୍ୟ ଚାଲିଛି ବୋଲି ସୂଚନା ମିଳିଛି।

# ମାର୍ଚ୍ଚରୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ପ୍ରକ୍ରିୟା ଆରମ୍ଭ


ବୈଠକରେ ଉପସ୍ଥିତ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ନବରଙ୍ଗପୁର, ୨୪।୨(ସଦାଶିବ ପ୍ରହରାଜ)

**ଜିଲାସ୍ତରୀୟ ଲଘୁ ବନଜାତ ଦ୍ରବ୍ୟ କ୍ରୟ କମିଟି ବୈଠକ**

ନବରଙ୍ଗପୁର ଜିଲାସ୍ତରୀୟ ଲଘୁ ବନଜାତ ଦ୍ରବ୍ୟ କ୍ରୟ କମିଟି ବୈଠକ ଶନିବାର ସ୍ଥାନୀୟ ପଞ୍ଚାୟତ ସାଧନା କେନ୍ଦ୍ର ସଭା ଗୃହରେ ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଆଦିବାସୀ ଭଉଣୀ ଭାଇମାନେ ଲଘୁ ବନଜାତ ଦ୍ରବ୍ୟ କିପରି ବିକ୍ରୟ କରି ସରକାରଙ୍କ ଧାର୍ଯ୍ୟ ମୁତାବକ ନିଜର ଉଚିତ୍ ମୂଲ୍ୟ ପାଇପାରିବେ ସେ ନେଇ ଆଲୋଚନା ହୋଇଛି। ଏଥିସହ ଯୋଜନାର କିପରି ଫାଇଦା ଉଠାଇହେବ ସେ ସମ୍ପର୍କରେ ଆଲୋକପାତ କରାଯାଇଛି।

ଏସ୍‌ଏଚ୍‌ଜିଙ୍କୁ ସରକାର କାର୍ଯ୍ୟ ମାଧ୍ୟମରେ ଆୟ ବଢାଇବା ପାଇଁ ସହାୟତା ପ୍ରଦାନ କରାଯାଇଛି। ଜଙ୍ଗଲରୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ବିକ୍ରି କରି ଲାଭବାନ ହେବା ସହିତ ଜଙ୍ଗଲ ସୁରକ୍ଷା ଦାୟିତ୍ୱ ମଧ୍ୟ ସମସ୍ତଙ୍କର ରହିଛି ବୋଲି ଜିଲାପାଳ ମିଶ୍ର କହିଥିଲେ। ଲଘୁ ବନଜାତ ଦ୍ରବ୍ୟରେ ତେନ୍ତୁଳି, ଶାଳ ମଞ୍ଜି, ଚାଆର ମଞ୍ଜି, ଅଁଳା, ହରିଡ଼ା, ବାହାଡ଼ା, ମହୁ ଆଦି ଲଘୁ ବନଜାତ ଦ୍ରବ୍ୟ (ଟିଡିସିସି) ଆଦିବାସୀ ଉନ୍ନୟନ ସମବାୟ ନିଗମ ପକ୍ଷରୁ ସଂଗ୍ରହ କରାଯିବ। ଜିଲାର ୧୦ ବ୍ଲକରୁ ଏସ୍‌ଏଚ୍‌ଜି, ପି ଜି, ବନ୍ଧନ ବିକାଶ କେନ୍ଦ୍ର, ବନ ସୁରକ୍ଷା ସମିତି ମାଧ୍ୟମରେ ଏହା ସଂଗ୍ରହ କରାଯିବ। ମାର୍ଚ୍ଚ ମାସରୁ ଏହି ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଜିଲାରେ ବ୍ଲକ, ଗ୍ରାମ ପଞ୍ଚାୟତସ୍ତରରେ ଜନସାଧାରଣଙ୍କ ସୂଚନା ନିମନ୍ତେ ଟିଡିସିସି ଏହାର ବ୍ୟାପକ ପ୍ରସାର, ପ୍ରଚାର କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ମୁଖ୍ୟ ଉନ୍ନୟନ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ତଥା ଟିଡିସିସିର ଶାଖା ପରିଚାଳକ ରାଜୀବ କୁମାର ସାହୁ, ଡିଆଇପିଆରଓ ହଳଧର ନିଆଲ, ଓରମାସ ଡେପୁଟି ସିଇଓ ଉମା ମହେଶ, ଡିପିଏମ୍ ଓ ଏଲ୍‌ଏମ୍ ହର୍ଷନନ୍ଦ ପ୍ରଧାନ, ଟିଡିସିସି ମାର୍କେଟିଂ ଅଧିକାରୀ ପ୍ରକାଶ କୁମାର ଦାସ, ଗୋବିନ୍ଦାଳୟ, ଅଗ୍ରଗାମୀ କର୍ମକର୍ତ୍ତା, ଏସ୍‌ଏଚ୍‌ଜି ମହିଳା ଉପସ୍ଥିତ ଥିଲେ।

## ଚୋରି ଟଙ୍କା ଜବତ, ୨ ଗିରଫ

ରାୟଗଡା,୨୪।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ରାମନାଗୁଡ଼ା ପୋଲିସ ଶନିବାର ଟଙ୍କା ଚୋରି ଘଟଣାରେ ସାନଆଚବା ଗ୍ରାମର ୨ ଜଣଙ୍କୁ ଗିରଫ କରିଛି। ଗତ ୧୬ତାରିଖ ସନ୍ଧ୍ୟାରେ ରାମନାଗୁଡ଼ାର ଜଣେ ବ୍ୟବସାୟୀଙ୍କ ଘରୁ ଟଙ୍କା ଚୋରି ନେଇ ସୁନୀଲ ପଲାଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି କୌଣସି ସୂତ୍ରରୁ ଖବର ପାଇ ଶୁକ୍ରବାର ବିଳମ୍ବିତ ରାତିରେ ଦୁଇ ଚୋରଙ୍କୁ ଥାନା ଆଣି ପୋଲିସ ଜେରା କରୁଥିଲା। ଉଭୟ ଚୋରି କରିଥିବା ସ୍ୱୀକାର କରିବା ପରେ ଶନିବାର ତାଙ୍କୁ ଗିରିଫ ପରେ କୋର୍ଟଚାଲାଣ କରିବା ସହ ସେମାନଙ୍କଠାରୁ ୧,୭୯,୧୫୦ଟଙ୍କା ଜବତ କରାଯାଇଛି।

## ନିଆଁ ଲାଗି ଜଳିଗଲା ୨ଘର

ଗୁଡାରି, ୨୪।୨(ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରୀ ବ୍ଲକର ମଧୁବନ ପଞ୍ଚାୟତ ଅଧୀନ ସୁକୁଡୁବାଙ୍ଗୁ ଗ୍ରାମରେ ଶନିବାର ନିଆଁ ଲାଗି ୨ଟି ଘର ପୋଡ଼ିଯାଇଛି। ଶର୍ଟ ସର୍କିଟରୁ ନିଆଁ ଲାଗି ଗ୍ରାମର ରମେଶ ମାମ୍ବାଲକାଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ବେଳେ ଜଳନ୍ଧର ମାମ୍ବାଲାକାଙ୍କ ଘର ଛପର ଜଳିଯାଇଛି। ରମେଶଙ୍କ ଘରର ଆସବାବପତ୍ର ଓ ଟଙ୍କା ସବୁ ଜଳିଯାଇଥିବା ଜଣାପଡ଼ିଛି। ଖବରପାଇ ଗୁଡାରି ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ତହସିଲଦାର ସୁଶ୍ରୀ ଏ. ସ୍ନେହଲତା ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହ ପ୍ରାଥମିକ ପର୍ଯ୍ୟାୟରେ ଉଭୟ ପରିବାରଙ୍କୁ ପଲିଥିନ ପ୍ରଦାନ କରିଛନ୍ତି। ଏହି ସମୟରେ ରାଜସ୍ୱ ନିରୀକ୍ଷକ ପ୍ରସାଦ ନିମାଲୁ, ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କୁକୁର କାମୁଡ଼ାରେ ୪ ଗୁରୁତର

ପାପଡ଼ାହାଣ୍ଡି,୨୪।୨(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟରେ ଶନିବାର କୁକୁର କାମୁଡ଼ାରେ ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପଦ୍ମା ଜାନି (୬୦), ଚନ୍ଦନ ଜାନି (୫), ବୁଦେଇ ହରିଜନ (୫୯) ଓ ଦୈମତି ଜାନି (୭୦)। ସମସ୍ତଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସମସ୍ତ ଗୁରୁତରଙ୍କ ଚିକିତ୍ସା ଚାଲିଛି। ସୂଚନାନୁଯାୟୀ, ସକାଳୁ ଏକ ବୁଲା କୁକୁର ଗ୍ରାମର ହରିଜନ ସାହି ଓ ଜାନି ସାହି ଭିତରେ ବୁଲୁଥିଲା। ହଠାତ୍ ଉକ୍ତ କୁକୁରଟି ଯାହାକୁ ଦେଖିଲା କାମୁଡ଼ିଥିଲା। ଲୋକେ ଭୟଭୀତ ହୋଇ ଦୌଡ଼ି ଥିଲେ। ଉକ୍ତ କୁକୁରଟି ଗୋଟିଏ ଛେଳି ଓ ୨ଟି କୁକୁଡ଼ାକୁ ମଧ୍ୟ ଆକ୍ରମଣ କରିଥିବା ଜଣାପଡିଛି।

# କଂଗ୍ରେସରେ ମିଶିଲେ ୪ଶହ ଲୋକ

ନବରଙ୍ଗପୁର ୨୪।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକର ଜୋନ୍-୨ ତାରଗାଁ ପଞ୍ଚାୟତ ଅଧୀନ ବୋଦାମୁଣ୍ଡା ଗାଁରେ କଂଗ୍ରେସର ମିଶ୍ରଣ ପର୍ବ କରାଯାଇଛି। ଏଠାରେ ତରଗାଁ, ବାଘସିଉନି ମନ୍ତ୍ରୀଗୁଡ଼ା, ବଡ଼ କୁମୁଳିକୁ ନେଇ ଜିଲା କଂଗ୍ରେସ ସଭାପତି ଭୁଜବଳ ମାଝି ଓ ଯୁବ ନେତା ଦିଲୀପ କୁମାର ପ୍ରଧାନୀଙ୍କ ଉପସ୍ଥିତରେ ଏହି କାର୍ଯ୍ୟକ୍ରମ କରାଯାଇଛି। କଂଗ୍ରେସ ଦଳର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବନେତା ଆସିଫ ରେହେମାନ ଖାଁ ଦୁରାନୀଙ୍କ ନେତୃତ୍ୱରେ ୪୦୦ ରୁ ଉର୍ଦ୍ଧ୍ୱ ବିଜେଡି ଓ ଭାଜପା କର୍ମୀ ଦଳ ଛାଡି ବିଧିବଦ୍ଧ ଭାବେ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ନବରଙ୍ଗପୁର ବ୍ଲକ ପୂର୍ବତନ ବିଜେଡି ସଭାପତି ଡମ୍ବ ହରିଜନ, ଅବସରପ୍ରାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶିବ ନାଗ, ପୂର୍ବତନ ସମିତି ସଭ୍ୟ ରବି ସିଂ ଭତ୍ରା, ପୂର୍ବତନ ସମିତି ସଭ୍ୟ ମନୋହର ଭତ୍ରା, ଦିଲୀପ ସେଠିଆ, ରାଜେଶ ବିଷୋୟୀ, ପୂର୍ବତନ ବ୍ଲକ ବିଜେଡି ସମ୍ପାଦକ ହେମନ୍ତ ଭତ୍ରା, ଲକ୍ଷ୍ମୀକାନ୍ତ ସେଠିଆ, ଡମ୍ବ ଭତ୍ରା, କାନ୍ତ ହରିଜନ, ରଞ୍ଜିତ ବାବୁ, ନରସିଂହ ହରିଜନ, ଧନସାଇ ନାଗ, ବିପିନ ନାୟକ, ରାଜୁ ମୁଦୁଲି, ମାନସିଂ ଗୌଡ଼, କୁନୁ ନାଗ, ଡମ୍ବ ଭତ୍ରା, ପୁରୁଷୋତ୍ତମ ଗୌଡ଼, ଦେବରାଜ ଭକ୍ତ ପ୍ରମୁଖ ନିଜ ନିଜ ସମର୍ଥନଙ୍କୁ ନେଇ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଜିଲା କଂଗ୍ରେସ ଉପସଭାପତି ଦିଲୀପ କୁମାର ବେହେରା, ନନ୍ଦାହାଣ୍ଡି ବ୍ଲକ ସଭାପତି ବୃନ୍ଦାବନ ତ୍ରିପାଠୀ, ତେନ୍ତୁଳିଖୁଣ୍ଟି ବ୍ଲକ ସଭାପତି ପ୍ରହଲ୍ଲାଦ ହିଆଲ, ପାପଡ଼ାହାଣ୍ଡି ବ୍ଲକ ସଭାପତି ଶ୍ରୀକାନ୍ତ ମିଶ୍ର, ପୂର୍ବତନ ଜିଲା ମହିଳା ସଭାନେତ୍ରୀ ପି. ନାଗାରତ୍ନମ, ପୂର୍ବତନ ଜିଲାପରିଷଦ ସଭ୍ୟ ବନିମାଳି ଭତ୍ରା, ମଣ୍ଡଳ ସଭାପତି ଉସ୍ତୁନା ବାନୁ ଖାଁ, ଜିଲା ସମ୍ପାଦକ ଭୀମସେନ ପାଣିଗ୍ରାହୀ, ଯୁବ କଂଗ୍ରେସ ସଭାପତି ସୁରଜ ଲାଲ, ଶେଖ ଆକବର ହୁସେନ, ତୁଫାନ ଷଡ଼ଙ୍ଗୀ, ବିକାଶ ରାଓ, ଗଣେଶ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।



କଂଗ୍ରେସ ନେତାଙ୍କ ସହ ଦଳରେ ସାମିଲ ହୋଇଥିବା ନୂତନ କର୍ମକର୍ତ୍ତା।

# ଖଜୁରିରେ ସରିଲା ୯ଦିନିଆ ବାଲିଯାତ୍ରା

- ପ୍ରତି ୫ବର୍ଷରେ ପାଳନ ହୁଏ
- ଗାଁ କଲ୍ୟାଣ, ଭଲ ଫସଲ ହେଉଥିବା ବିଶ୍ୱାସ

ପାପଡ଼ାହାଣ୍ଡି ,୨୪।୨(ସ୍ୱପ୍ନଜିତ ପଟ୍ଟନାୟକ)


ଲାଠି, କୁର୍ଚ୍ଛିମାନଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସାନବାର୍ଲି ପଞ୍ଚାୟତ ଖଜୁରି ଗ୍ରାମରେ ପାରମ୍ପରିକ ବାଲିଯାତ୍ରା ଶନିବାର ଶେଷ ହୋଇଛି। ପ୍ରତି ୫ ବର୍ଷରେ ଥରେ ଏହି ବାଲିଯାତ୍ରା ପାଳନ ହୁଏ। ୯ ଦିନ ଧରି ଧୁମଧାମରେ ଏହି ବାଲିଯାତ୍ରା ଚାଲିଥିଲା। ପାରମ୍ପରିକ ବାଦ୍ୟର ତାଳେ ତାଳେ ଲାଠି, ଚୌକି, ବାଲି ଚାଙ୍ଗୁଡ଼ା ଓ ଗୁରୁମାଇଙ୍କୁ ପାଛୋଟି ଆଣି ଗାଁ ଠାକୁରାଣୀଙ୍କ ମନ୍ଦିର ମଧ୍ୟରେ ରଖାଯାଇ ପୂଜା କରାଯାଇଥିଲା। ଏହାଦ୍ୱାରା ଲୋକେ ନୀରୋଗ, ଗୃହପାଳିତ ପଶୁପକ୍ଷୀ ସୁସ୍ଥ, କୃଷି କାର୍ଯ୍ୟରେ ଉନ୍ନତି, ଭଲ ଅମଳ ଏବଂ ଗାଁ କଲ୍ୟାଣ ହୁଏ ବୋଲ ପୂଜକ ବୁଦ୍ଧୁ ଚାଲାଣ ଏବଂ ଗ୍ରାମର ମୁରବୀମାନେ ମତ ରଖନ୍ତି।

ଏହି ଯାତ୍ରାରେ ପ୍ରତ୍ୟେକ ଦିନ ଦେବୀଙ୍କ ପୂଜାପାଠ କରାଯାଏ। ଗ୍ରାମର ଛୋଟ ବଡ଼ ଝିଅ ପୁଅମାନେ ସେମାନଙ୍କ ଆରାଧ୍ୟ ଦେବୀଙ୍କ ଆଶ୍ରୟ ହୋଇ ଶିରା, ବିଭିନ୍ନ ଦେବଦେବୀଙ୍କ ବେଶ ଧରି ନାଚ କରିଥାନ୍ତି। ବାଲିଘର ନାମକରଣ, କାଠରେ ନିର୍ମିତ କୃଷି ଉପକରଣର ପୂଜା ବିଭିନ୍ନ ବିଧିବିଧାନରେ କରାଯିବା ପରେ ଗାଁ ର ଦେବୀ ମନ୍ଦିରରେ ଏହା ଶେଷ ହୋଇଛି। ବାଲିଯାତ୍ରାର ପ୍ରଥମ ଦିନଠାରୁ ଲୋକଙ୍କ ମନୋରଞ୍ଜନ ପାଇଁ ରାତ୍ରରେ ଆଦିବାସୀ ନାଚ ଆୟୋଜନ କରାଯାଇଥିଲା। ଶେଷ ଦିନରେ ୨ଟି ଦେଶିଆ ନାଚ ଆୟୋଜନ କରାଯାଇଛି। ଗାଁ କମିଟି ସଦସ୍ୟ ଗୋବିନ୍ଦ ଜାନି, ରତ୍ନରାଜ ଚାଲାଣ, ବିଷମ ନାୟକ, ସହଦେବ ଜାନି, ଘେନୁ ଚାଲାଣ, ଲମ୍ବୁଧର ଜାନି, ଧନିଆ ଜାନି, ତାରାଚନ ଗୌଡ଼, ଲଛିମଧର ମାଝି, ଶଶୀ ମାଝି, ଥବିର ନାୟକ, ଅର୍ଜୁନ ନାୟକ, ଗଣପତି ମାଝି, ଘାସିରାମ ଗୌଡ଼ ପ୍ରମୁଖ ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ସହଯୋଗ କରିଥିଲେ। ନବରଙ୍ଗପୁର ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକଙ୍କ ସହ ବହୁ ଜନ ପ୍ରତିନିଧି ଯୋଗଦେଇଥିଲେ।

# ଜୟପୁର-ନନ୍ଦପୁର ବ୍ଲକର ୩୫୧ ଜଣଙ୍କୁ ଶିକ୍ଷା ସମ୍ମାନ

## ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବର୍ଦ୍ଧନା

ଜୟପୁର/ନନ୍ଦପୁର, ୨୪।୨ (ପବନ ପାଣିଗ୍ରାହୀ/ଶଙ୍କର ପୂଜାରୀ)


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଜୟପୁର ଦଶହରା ପଡିଆରେ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି । ଜିଲାପାଳ ଭି.କିର୍ତ୍ତୀଭାସନଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଧାୟକ ରଘୁରାମ ପଡାଲ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଚାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ପିଏ ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ଜିଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ରୂପଚନ୍ଦ୍ର ସୋରେନ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରା ଉପସ୍ଥିତ ଥିଲେ । ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଭଲପାଠପଢି ଉତ୍ତମ ଚରିତ୍ର ଗଠନ କରିବାକୁ ମାର୍ଗଦର୍ଶନ କରିଥିଲେ। ଜିଲା ଶିକ୍ଷାଧିକାରୀ ନାହାକ ସ୍ୱାଗତ ସୂଚନା ଦେଇଥିଲେ। ମୋଟ ୨୧୨୮ ପ୍ରତିଭା ଓ ଅନୁଷ୍ଠାନକୁ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ ନାୟକ, ଜିଲା ଶିକ୍ଷା ତତ୍ତ୍ୱ ସଂଯୋଜକ ଚନ୍ଦ୍ର କଳା ବର୍ଗର୍ତ୍ତି, ମୋ ସ୍କୁଲ ଅଭିଯାନ ସଂଯୋଜକ ଭବେଶ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମିନା ସ୍ୱାଇଁ, ଯଜ୍ଞେଶ୍ୱର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

ନନ୍ଦପୁର ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟର ୧୮୦ ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାଳୟ, ଏସ୍‌ଏମ୍‌ସି, ଛାତ୍ରୀଛାତ୍ର, ଆଲୁମ୍ନିଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଛି। ଜୟପୁର ବିଧାୟକ ବାହିନୀପତି, କୋରାପୁଟ ବିଧାୟକ ପଡାଲ, ପଚାଙ୍ଗି ବିଧାୟକ ପାଢ଼ୀ ଜିଲାପାଳ, ସିଡ଼ିଓ, ଡିଇଓ ପ୍ରମୁଖ ନନ୍ଦପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ ଅତିଥିରୂପେ ଉପସ୍ଥିତ ରହି ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁରସ୍କୃତ କରିଛନ୍ତି। ନନ୍ଦପୁର ବ୍ଲକର ୧୨୦ ଛାତ୍ରୀଛାତ୍ରୀଙ୍କୁ ବ୍ଲକସ୍ତରୀୟ ଶିକ୍ଷା ସମ୍ମାନ, ୯ ଜଣଙ୍କୁ ଜିଲାସ୍ତରୀୟ ଶିକ୍ଷା ସମ୍ମାନ, ନେତୃତ୍ୱଦକ୍ଷତା ଥିବା ୪୧ଙ୍କୁ ପୁରସ୍କୃତ କରାଯାଇଛି। ସେହିଭଳି ଶିକ୍ଷା କ୍ଷେତ୍ରର ଥିବା ମାପଦଣ୍ଡରେ ନନ୍ଦପୁର ବ୍ଲକର ହିକିମପୁଟ ପଞ୍ଚାୟତ ବ୍ଲକରେ ଶ୍ରେଷ୍ଠ ବିବେଚିତ ହୋଇଛି। ସେମେଳା ୟୁଜିଏଚରକୁ ଶ୍ରେଷ୍ଠ ଆଲୁମ୍ନି, ହିକିମପୁଟ ୟୁଜିଏଚକୁ ଶ୍ରେଷ୍ଠ ଏସଏମସି ପୁରସ୍କାର ମିଳିଛି। ଉଚ୍ଚ ବିଦ୍ୟାଳୟ ସ୍ତରରେ ହିକିମପୁଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବସନ୍ତ କର ବ୍ଲକର ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ବିବେଚିତ ହୋଇଛନ୍ତି। ତିନି ଉଚ୍ଚ ବିଦ୍ୟାଳୟ ଓ ତିନି ପ୍ରାଥମିକ ବିଦ୍ୟାଳୟ ମଧ୍ୟ ପୁରସ୍କୃତ ହୋଇଥିବା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ୨୦୫ ପୁରସ୍କାର ପାଇ ବୋରିଗୁମା ବ୍ଲକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୧୭୨ଟି ପୁରସ୍କାର ପାଇ କୋଟପାଡ ବ୍ଲକ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜଣାପଡିଛି।

## ମା'ଙ୍କ ଜୀବନ ବଞ୍ଚାଇଲେ ୬ ବର୍ଷର ପୁଅ

ଦଶମନ୍ତପୁର, ୨୪।୨ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମା ପଞ୍ଚାୟତର ତଳରତାବନ୍ଧ ଗ୍ରାମରେ ଜଣେ ମହିଳା କୀଟନାଶକ ଖାଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ୬ବର୍ଷର ପୁଅ ତାଙ୍କୁ ବଞ୍ଚାଇ ଦେଇଛନ୍ତି। ସେ ହେଉଛନ୍ତି ଗ୍ରାମର ଖଗପତି ଜାନିଙ୍କ ସ୍ତ୍ରୀ କୁସୁମାଇ (୩୫)। ଖଗପତି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ବେଳେ କୁସୁମାଇ ତାଙ୍କ ୨ଝିଅ ଓ ୨ପୁଅକୁ ଧରି ଗ୍ରାମରେ ରହୁଥିଲେ। ଶୁକ୍ରବାର ସେ ସାପ୍ତାହିକ ହାଟ ସାରି ଘରକୁ ଫେରି ରୋଷେଇ ସାରି ଖାଇପିଇ ଶୋଇଥିଲେ। ତେବେ କୌଣସି କାରଣରୁ କୁସୁମାଇ ଶନିବାର ଭୋର ସମୟରେ ଘରେ ଥିବା ଗ୍ରୋମୋର ଓ ପଟାସ ସାର ଖାଇ ଦେଇଥିଲେ। ସକାଳେ କୁସୁମାଇଙ୍କ ଘର କବାଟ ଖୋଲିବା ବିଳମ୍ବ ହେବାରୁ ତାଙ୍କ ସମ୍ପର୍କୀୟମାନେ ଘର ପାଖକୁ ଯାଇ ଡାକିଥିଲେ। ପାଟି ଶୁଣି ୬ ବର୍ଷର ପୁଅ ଦେବ ଆସି ଘର କବାଟ ଖୋଲିଦେଇଥିଲେ। ସୁକୁମାଇଙ୍କ ଦେଢଶୁର ଭାଗୀରଥି ଜାନି ଏବଂ ସମ୍ପର୍କୀୟ ସବାଇ ଜାନି ଘର ଭିତରକୁ ପଶି ସୁକୁମାଇଙ୍କୁ ଗୁରୁତର ଅବସ୍ଥାରେ ପଡିଥିବା ଦେଖିଥିଲେ। ସେମାନେ ସଙ୍ଗେ ସଙ୍ଗେ ତାଙ୍କୁ ଦଶମନ୍ତପୁର ଡାକ୍ତରଖାନାକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି।

## ଶବ ବ୍ୟବଚ୍ଛେଦ ପାଇଁ ଯିବାକୁ ପଡୁଛି ୪୦ କି.ମି.

ସୁନାବେଡ଼ା, ୨୩।୨ (କୃତ୍ତିବାସ ପ୍ରଧାନ)

ଦିନକୁ ଦିନ ବଢୁଛି ସୁନାବେଡ଼ା ଓ ସେମିଳିଗୁଡ଼ା ଅଞ୍ଚଳର ଜନସଂଖ୍ୟା। ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ସୁନାବେଡ଼ାରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୂପାୟନ କରାଗଲା। ମାତ୍ର ସେହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଯାଏ ମୃତଦେହ ରଖିବାକୁ ଗୃହ କି ବ୍ୟବଚ୍ଛେଦ ଗୃହ ନାହିଁ। ଲୋକଙ୍କୁ ମୃତଦେହ ବ୍ୟବଚ୍ଛେଦ ଲାଗି ୪୦ କି.ମି. ଯିବାକୁ ପଡୁଛି। ଏଠାରେ ବିଭିନ୍ନ ସମୟରେ ବହୁ ଲୋକଙ୍କ ମୃତ୍ୟୁ ଘଟେ। ଗୃହ ଅଭାବରୁ ମୃତଦେହ ରଖିବା ଲାଗି ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ମୃତଦେହ ବ୍ୟବଚ୍ଛେଦ ଲାଗି ଶବ ବ୍ୟବଚ୍ଛେଦ ଗୃହ ନ ଥିବାରୁ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନଙ୍କୁ ବହୁ ଦୂରକୁ ଯିବାକୁ ପଡୁଛି। ଲୋକଙ୍କୁ ମୃତଦେହ ବ୍ୟବଚ୍ଛେଦ ପାଇଁ ଗୋଟିଏ ପଟେ ପଟାଙ୍ଗି ୪୦ କି.ମି. ଓ କୋରାପୁଟ ପ୍ରାୟ ୨୦ କି.ମି. ଯିବାକୁ ପଡ଼େ। ଏଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ସୁବିଧା ଉପଲବ୍ଧ ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଥିଲେ ସୁଦ୍ଧା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଶବଗୃହ ନିର୍ମାଣ ହେଲେ ମୃତଦେହଗୁଡ଼ିକୁ ସେମାନଙ୍କ ଆତ୍ମୀୟସ୍ୱଜନ ଆସିବା ପର୍ଯ୍ୟନ୍ତ ସଂରକ୍ଷିତ କରି ରଖାଯାଇପାରନ୍ତା ଏବଂ ବ୍ୟବଚ୍ଛେଦ ଗୃହ ନିର୍ମାଣ ହେଲେ ଲୋକଙ୍କୁ ବ୍ୟବଚ୍ଛେଦ ଲାଗି ଏତେ ଦୂର ଯିବାକୁ ପଡନ୍ତା ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ କୋରାପୁଟ ସିଡିଏମ୍‌ଓ ଡାକ୍ତର କେ.ସି. ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଏ ବିଷୟରେ ସେ ଅବଗତ ଅଛନ୍ତି। ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଉପରୁ ନିର୍ଦ୍ଦେଶ ଆସିବା ପରେ ନିର୍ମାଣ କରାଯିବ।

## ସଂକ୍ଷେପରେ

### ମଦ ଚୋରାଚାଲାଣ ବେଳେ ଜଣେ ଗିରଫ

ଜୟପୁର, ୨୪।୨ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରା ଚାଲାଣ ବେଳେ ଅବକାରୀ ବିଭାଗ କର୍ମଚାରୀ ଚଢ଼ାଉ କରି ଜଣେ ମହିଳାଙ୍କୁ ଗିରଫ କରିଛନ୍ତି। ସେ ହେଲେ ପଲକାପୁଟ ଗ୍ରାମର କମଳା ପରଜା। କମଳା ମଦ ଚାଲାଣ କରୁଥିବା ସୂଚନା ପାଇ ପଲକାପୁଟ ଗ୍ରାମ ରାସ୍ତାରେ ଚଢ଼ାଉକରି ତାଙ୍କୁ ଧରିଥିଲେ। ତାଙ୍କଠାରୁ ୯ ଲିଟର ମଦ ଜବତ ହୋଇଥିବା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର କହିଛନ୍ତି।

### ଷ୍ଟେଟ୍‌ବ୍ୟାଙ୍କ ଶାଖା ଉଦ୍‌ଘାଟିତ

କୋରାପୁଟ, ୨୪।୨ (ଅମିତାଭ ବେହେରା)

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ପରିସରରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଏକ ଶାଖା ଉଦ୍‌ଘାଟିତ ହୋଇଛି। ଷ୍ଟେଟବ୍ୟାଙ୍କ ଭୁବନେଶ୍ୱର ସର୍କଲର ମୁଖ୍ୟ ଦିନେଶ ପ୍ରୁଥୀ ଏବଂ କୋରାପୁଟ ମେଡିକାଲ କଲେଜ ଡିନ୍ ତଥା ଅଧକ୍ଷ ପ୍ରଫେସର ସଦାନନ୍ଦ ରଥଙ୍କ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ରୋଗୀ ଓ ତାଙ୍କ ସମ୍ପର୍କୀୟ ସହ ଡାକ୍ତର ଓ ମେଡିକାଲ ଛାତ୍ରୀଛାତ୍ରମାନେ ବ୍ୟାଙ୍କ ସୁବିଧା ପାଇପାରିବେ ବୋଲି ଉଭୟେ ପ୍ରକାଶ କରିଥିଲେ । ଏହି ଅବସରରେ ମେଡିକାଲ ଅଧୀକ୍ଷକ ପ୍ରଫେସର ସୁଶାନ୍ତ ସାହୁ, ଜେନେରାଲ ମ୍ୟାନେଜର ଉତ୍ତମ କୁମାର ହଜାରା ଚୌଧୁରୀ, ବ୍ରହ୍ମପୁରର ଡେପୁଟି ଜେନେରାଲ ମ୍ୟାନେଜର ସନ୍ଦିପ ଚୌବେ, ଜୟପୁରସ୍ଥିତ ଆଞ୍ଚଳିକ ମ୍ୟାନେଜର କାବୁଲା ବେହେରା, ଆଇନ ଉପଦେଷ୍ଟା ଅଶୋକ ଷଡଙ୍ଗୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ୮ ବ୍ଲକର ୧୨୪ କୃଷି ଉତ୍ପାଦକ ଉଦ୍ୟୋଗୀଙ୍କୁ ଟାବ୍‌ଲେଟ୍

କୋରାପୁଟ, ୨୪।୨ (ଅମିତାଭ ବେହେରା)

ଓଡିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜି ଲଗାଣ ନିଗମ ଲିମିଟେଡ (ଏପିକଲ) ପକ୍ଷରୁ କୋରାପୁଟ ଜିଲାରେ କୃଷି ଉତ୍ପାଦନ ବୃଦ୍ଧି ଏବଂ ତାର ବଜାରିକରଣରେ ସହାୟତା ଲାଗି ଜିଲାର ୮ଟି କୃଷି ଉତ୍ପାଦନ କ୍ଲଷ୍ଟରର ୧୨୪ ଜଣ କୃଷି ଉତ୍ପାଦକ ଉଦ୍ୟୋଗୀଙ୍କୁ ଶନିବାର ମୋବାଇଲ ଟାବେଲେଟ ପ୍ରଦାନ କରାଯାଇଛି। ସଦଭାବନା ସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଭି. କିର୍ତ୍ତୀଭାସନ ମୁଖ୍ୟଅତିଥିଭାବେ ଯୋଗଦେଇ ୧୨୪ ଜଣ କୃଷି ଉତ୍ପାଦକ ଉଦ୍ୟୋଗୀଙ୍କୁ ମୋବାଇଲ ଟାବେଲେଟ ପ୍ରଦାନ କରିଥିଲେ। ଏପିକଲ ମ୍ୟାନେଜର ସନ୍ତୋଷ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଭାସନ, ପ୍ରୋବେଶନାରୀ ଆଇଏଏସ ଆର. ପ୍ରଧାନ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ମହାନ୍ତିଙ୍କ ସମେତ ଜିଲାର ସମସ୍ତ କୃଷି ଅଧିକାରୀ, ସିୱାଇଏସ୍‌ଡର ଆନନ୍ଦ ମଲ୍ଲିକ, ଏପିଏସ୍‌ର ପ୍ରଦୀପ ମିଶ୍ର, ସନ୍ଦିପ ପଟ୍ଟନାୟକ ଓ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ସିୱାଇଏସଡି ଦ୍ୱାରା ଜିଲାର ଦଶମନ୍ତପୁର, ବୈପାରିଗୁଡା ବ୍ଲକ, ଏପିଏସ୍ ଦ୍ୱାରା ସେମିଳିଗୁଡା, ପଟାଙ୍ଗି ବ୍ଲକ, ପ୍ରଦାନ ଦ୍ୱାରା ନନ୍ଦପୁର ଓ ଲମତାପୁଟ, ହର୍ଷା ଟ୍ରଷ୍ଟ ଦ୍ୱାରା କୁନ୍ଦୁରା ଓ ବୋରଗୁମ୍ମା ଆଦି ୮ଟି ବ୍ଲକରେ ଥିବା କୃଷି ଉତ୍ପାଦକ କ୍ଲଷ୍ଟରରେ କୃଷି ଉତ୍ପାଦକ ଉଦ୍ୟୋଗୀମାନଙ୍କ ମାଧ୍ୟମରେ ଆଧୁନିକ ଉପାୟରେ ବିଭିନ୍ନ କୃଷି ସମାଗ୍ରୀ ଉତ୍ପାଦନ ଓ ବଜାରିକରଣ ହେଉଥିବାବେଳେ ଏଦିଗରେ ସେମାନଙ୍କୁ ଅଧିକ ପ୍ରୋତ୍ସାହନ କରିବା ଲାଗି ପ୍ରଥମ କରି ଏପକଲ ପକ୍ଷରୁ ମୋବାଇଲ ଟାବଲେଟ ପ୍ରଦାନ କରାଯାଇଛି।

## ଚଳଚ୍ଚିତ୍ରଭିତ୍ତିକ ଦକ୍ଷତା ପାଠ୍ୟକ୍ରମ ଉଦ୍‌ଯାପିତ

### ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

କୋରାପୁଟ, ୨୪।୨ (ଅମିତାଭ ବେହେରା)

ପୁଣେ ସ୍ଥିତ ଫିଲ୍ମ ଓ ଟେଲିଭିଜନ ପ୍ରତିଷ୍ଠାନ (ଏଫ୍‌ଟିଆଇଆଇ) ଦ୍ୱାରା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜନଜାତିର ଛାତ୍ରୀଛାତ୍ରଙ୍କ ପାଇଁ ୧୫ ଦିନ ବ୍ୟାପୀ ଚାଲିଥିବା ଚଳଚ୍ଚିତ୍ରଭିତ୍ତିକ ଦକ୍ଷତା ପାଠ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ କୁଳସଚିବ ପ୍ରଫେସର ଏନ୍.ସି. ପଣ୍ଡା ଓ ଏଫ୍‌ଟିଆଇଆଇର ପ୍ରଫେସର ଅଜମଲ ଜାମି ଯୋଗ ଦେଇଥିଲେ। ଏଫ୍‌ଟିଆଇଆଇ ପକ୍ଷରୁ ପାଠ୍ୟକ୍ରମର ସଂଯୋଜକ ପ୍ରଫେସର ଅଶ୍ୱିନ ବି ସୋନେ ଭର୍ଚୁଆଲ ଭାବେ ଉପସ୍ଥିତ ଥିଲେ। ସହକାରୀ ପ୍ରଫେସର ଡ. ପି.କେ. ରଥ ଓ ଅତିଥି ଅଧ୍ୟାପକ ତେଲରାମ ମେହେରଙ୍କ ଦ୍ୱାରା ପରିଚାଳିତ 'ଓଡ଼ିଶାର ସିନେମା' ଶୀର୍ଷକ ଏକ ଫଟୋ ପ୍ରଦର୍ଶନୀକୁ କୁଳପତି ଉଦ୍‌ଘାଟନ କରିଥିଲେ। ପରେ ପାଠ୍ୟକ୍ରମ ସମୟର ଜନଜାତି ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ରଗୁଡ଼ିକର ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ଡ. ସୌରଭ ଗୁପ୍ତା ବିବରଣୀ ଉପସ୍ଥାପନ କରି ଏହି କାର୍ଯ୍ୟକ୍ରମରେ ସ୍କ୍ରିନ୍ ଅର୍ଣ୍ଟ, ଚିତ୍ରନାଟ୍ୟ ଲେଖା, ଚଳଚ୍ଚିତ୍ର ଆପ୍ରିସିଏସନ ଏବଂ ସ୍ମାର୍ଟଫୋନ୍ ଚଳଚ୍ଚିତ୍ର ନିର୍ମାଣ ଭଳି ୪ଟି ପାଠ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବୋଲି କହିଥିଲେ। ପାଠ୍ୟକ୍ରମରେ ୩୮ ଜଣ ଜନଜାତି ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟରେ ଏକ ଆଞ୍ଚଳିକ କେନ୍ଦ୍ର ଖୋଲିବା ପାଇଁ ସେ ଏଫ୍‌ଟିଆଇଆଇକୁ ପ୍ରସ୍ତାବ ଦେଇଥିଲେ। ପ୍ରଫେସର ଏନ୍. ସି. ପଣ୍ଡା ୪ଟି ପାଠ୍ୟକ୍ରମର ପ୍ରଫେସରମାନଙ୍କୁ ପ୍ରଶଂସା କରିଥିଲେ। ସହକାରୀ ପ୍ରଫେସର ଡ. ଗୌରବ ରଞ୍ଜନ ପରିଚାଳନା କରିଥିଲେ। ପ୍ରଫେସର ଭରତ ପଣ୍ଡା, ପ୍ରଫେସର ହେମରାଜ ମୀନା, ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସହାୟତା କରିଥିଲେ।


ଅତିଥିମାନେ ଫଟୋ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।

## ସଲମନଗୁଡ଼ା ବିଦ୍ୟାଳୟରେ ବିଜ୍ଞାନ, ଗଣିତ କ୍ଲବ ଗଠିତ

କୋରାପୁଟ, ୨୪।୨ (ଅମିତାଭ ବେହେରା)

କୋରାପୁଟର ସଲମନଗୁଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ବିଜ୍ଞାନ ଓ ଗଣିତ କ୍ଲବ ଗଠିତ ହୋଇଛି। ବିଜ୍ଞାନ କ୍ଲବର ନାମ କଳ୍ପନା ଚାୱଲା ବିଜ୍ଞାନ କ୍ଲବ ଓ ଗଣିତ କ୍ଲବର ନାମ ଶ୍ରୀନିବାସ ରାମାନୁଜନ ଗଣିତ କ୍ଲବ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ବିଜ୍ଞାନ ଓ ଗଣିତ ବିଷୟକୁ ନେଇ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଲମନଗୁଡ଼ା ଅଙ୍ଗନୱାଡି କେନ୍ଦ୍ର କର୍ମୀ ଡଲି ଶତପଥୀ, ଶୋଭାର ସାମାଜିକ କର୍ମୀ ମେରୀ ସିହ୍ନା ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ମନୋଜ ସିହ୍ନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଅଜୟ ମଲିକ ଧନ୍ୟବାଦ ଦେଇଥିଲେ।

## ୭୭୭ ନୂତନ ହିତାଧିକାରୀଙ୍କୁ ଭତ୍ତା

ଜୟପୁର, ୨୪।୨ (ପବନ ପାଣିଗ୍ରାହୀ)

ଜୟପୁର ପୌରପାଳିକା ପକ୍ଷରୁ ନୂତନ ହିତାଧିକାରୀଙ୍କୁ ଶନିବାର ଭତ୍ତା ପ୍ରଦାନ କରାଯାଇଛି । ବାବା ସାହେବ କଲ୍ୟାଣ ମଣ୍ଡପଠାରେ ବିଧାୟକ ତାରାପ୍ରସାଦ ବାହାନୀପତି ମୁଖ୍ୟଅତିଥି ଭାବେ ଯୋଗଦେଇ ପୌରାଞ୍ଚଳର ୪ ଶହ ହାତିଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ଏହି ସମୟରେ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି.ସୁନିତା, ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ପୌର ସମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମହାପାତ୍ର ଓ କାଉନସିଲରମାନେ ଉପସ୍ଥିତ ଥିଲେ। ସେହିପରି ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ୨୨ ପଞ୍ଚାୟତର ୩୩୩ ନୂତନ ହିତାଧିକାରୀଙ୍କୁ ବିଧାୟକ ବାହିନୀପତି ଭତ୍ତା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ୍. ନିଶା, ଜିଲା ପରିଷଦ ସଭ୍ୟା, ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଇନ୍‌ଡୋର ଷ୍ଟାଡିୟମରେ ରହିଛି ବ୍ୟାଡ୍‌ମିଣ୍ଟନ କୋର୍ଟ, ଜିମ୍ ସହ ଚଲାପଥ

ସୁନାବେଡ଼ା, ୨୪।୨ (କୃତ୍ତିବାସ ପ୍ରଧାନ)

କ୍ରୀଡ଼ା ଭିତ୍ତିଭୂମି ସମୂହର ଉଦ୍‌ଘାଟନ ଓ ଶିଳାନ୍ୟାସ ସମାରୋହରେ ରାଜ୍ୟର ୪୮ଟି ନୂତନ ଇନ୍‌ଡୋର ଷ୍ଟାଡିୟମକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସେଥି ମଧ୍ୟରେ ସୁନାବେଡ଼ା ପୌରାଞ୍ଚଳରେ ସାଢେ ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ରହିଛି। ଏହି ଉଦ୍‌ଘାଟନୀ ଉତ୍ସବର ସିଧା ପ୍ରସାରଣ ଦେଖିବାକୁ ନୂତନ ଷ୍ଟାଡିୟମ ପରିସରରେ ବ୍ୟବସ୍ଥା ହୋଇଥିଲା। ଏଥିରେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡାଲ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଜିଲାବାସୀଙ୍କ ତରଫରୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ପଟାଙ୍ଗି ବିଧାୟକ ପୀତମ ପାଢ଼ୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଜିଲାପାଳ ଭି. କୀର୍ତ୍ତି ଭାସନ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସତ୍ୟନାରାୟଣ ଖୁରା, ଡୁଡ଼ା ପ୍ରକଳ୍ପ ନିର୍ଦ୍ଦେଶକ ଦେବୀପ୍ରସାଦ ଟାଲି, ସୁନାବେଡା ପୌରାଧ୍ୟକ୍ଷ ଡ.ରାଜେନ୍ଦ୍ର ପାତ୍ର, ଉପାଧ୍ୟକ୍ଷା ରିତୁ କଣ୍ଟା, ପୌର ପରିଷଦର ସମସ୍ତ କାଉନସିଲରଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ଇନ୍‌ଡୋର ଷ୍ଟାଡିୟମ ମଧ୍ୟରେ ୨ଟି ବ୍ୟାଡ୍‌ମିଣ୍ଟନ କୋର୍ଟ, ଜିମ୍, ଯୋଗ ଓ ଚଲାପଥ ଆଦି ବ୍ୟବସ୍ଥା ରହିଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

## ବୋରିଗୁମ୍ମା ଏନ୍‌ଏସି ମାନ୍ୟତାକୁ ଅଞ୍ଚଳବାସୀଙ୍କ ସ୍ୱାଗତ

ବୋରିଗୁମ୍ମା, ୨୪।୨ (ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମାକୁ ରାଜ୍ୟ ସରକାର ଏନଏସି ରୂପେ ଘୋଷଣା କରିବା ପରେ ସହରବାସୀ ଖୁସିବ୍ୟକ୍ତ କରି ପରସ୍ପରକୁ ମିଠାଖୁଆଇ ବାଣ ଫୁଟାଇ ଏହାକୁ ସ୍ୱାଗତ କରିଛନ୍ତି। ଦୀର୍ଘ ବର୍ଷର ଆନ୍ଦୋଳନ ଓ ଦାବି ଏବେ ପୂରଣ ହେଲା। ବୋରିଗୁମ୍ମା ପାଇଁ ଆଜି ଏକ ସ୍ମରଣୀୟ ଦିନ ହୋଇ ରହିବ ବୋଲି ବରିଷ୍ଠ ଆଇନଜୀବୀ ଲାଲୁ ଷଡଙ୍ଗୀ କହିଛନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ବୋରିଗୁମ୍ମା ସହରକୁ ଏନଏସି ମାନ୍ୟତା ଶ୍ରେୟ କେବଳ ବୋରିଗୁମ୍ମାବାସୀଙ୍କୁ ଯିବ। ରାଜ୍ୟ ସରକାର ବିଳମ୍ବରେ ହେଲେ ମଧ୍ୟ ଦୀର୍ଘଦିନର ଦାବିକୁ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଏକ ସପ୍ତାହ ତଳେ ବିଧାୟକ ବାହିନୀପତି ବୋରିଗୁମ୍ମାକୁ ଏନଏସି ଘୋଷଣା ନ କଲେ ୨୬ ତାରିଖରେ ବୋରିଗୁମ୍ମା ବନ୍ଦ ଡାକରା ଦେଇଥିଲେ। ସେହିଭଳି ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ଗତ କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ଖୁବଶୀଘ୍ର ବୋରିଗୁମ୍ମାବାସୀଙ୍କୁ ଖୁସି ଖବର ଦେବେ ବୋଲି କହିଥିଲେ।

## ସାମାନ୍ୟ ବଚସାରୁ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ

ସୁନାବେଡ଼ା, ୨୪।୨ (କୃତ୍ତିବାସ ପ୍ରଧାନ)



ସୁନାବେଡ଼ା ଥାନା ଅଧୀନ ହାଲ୍ ସହରାଞ୍ଚଳ ସେଣ୍ଟ୍ରାଲ ମାର୍କେଟରେ ସାମାନ୍ୟ ବଚସାରୁ ଜଣେ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ହାଲ୍ ବସ୍‌ଷ୍ଟାଣ୍ଡରୁ ସେମିଳିଗୁଡା ଯିବା ମୁଖ୍ୟ ରାସ୍ତାରେ ଥିବା ସେଲୁନ ମାଲିକ ରବି ନାରାୟଣ ବାରିକ ସକାଳେ ଦୋକାନ ଖୋଲି ପାଣି ପାଇଁ ଦୋକାନ ପଛ ପଟେ ଥିବା ପାଣିକଳ ନିକଟକୁ ଯାଇଥିଲେ। ସେଠାରୁ ପାଣି ନେଇ ଫେରିବା ସମୟରେ ନିକଟରେ ଥିବା ଏକ ପୂଜା ଦୋକାନର ଜଣେ କର୍ମଚାରୀ ନିର୍ଭୟ ଦାସଙ୍କ ସହ କୌଣସି କାରଣରୁ ତାଙ୍କର ପାଟିତୁଣ୍ଡ ହୋଇଥିଲା। ପରେ ସେ ରବିଙ୍କୁ ସେଠାରୁ ପାଣି ନେବାକୁ ବାରଣକରି ଗାଳିଗୁଲଜ କରିଥିଲେ। ଏଥିପ୍ରତି ଗୁରୁତ୍ୱ ନ ଦେଇ ରବି ପାଣି ଧରି ଦୋକାନକୁ ଫେରି ଆସିଥିଲେ। ଦୋକାନ ପୂଜା ସାରି ସେ ପେପର ପଢୁଥିବା ସମୟରେ ହଠାତ୍ ନିର୍ଭୟ ପହଞ୍ଚି ଏକ ପଥରରେ ରବିଙ୍କ ମୁଣ୍ଡକୁ ଆଘାତ କରି ସେଠାରୁ ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରବିଙ୍କୁ ପାଖ ଦୋକାନୀ ଓ ଅନ୍ୟ କେତେଜଣ ବ୍ୟକ୍ତି ଉଦ୍ଧାରକରି ଚିକିତ୍ସା ପାଇଁ ମେଡିକାଲକୁ ପଠାଇଥିଲେ। ଚିକିତ୍ସା ପରେ ରବି ଏନେଇ ସୁନାବେଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି କେସ୍ ନଂ. ୪୫/୨୪ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି। ଏଏସ୍‌ଆଇ ଜ୍ୟୋତ୍ସ୍ନାରାଣୀ ମିଶ୍ର ଏହାର ତଦନ୍ତ ଦାୟିତ୍ୱରେ ଅଛନ୍ତି।

## ପଟାଙ୍ଗିର ୬ ବିଦ୍ୟାଳୟ ପୁରସ୍କୃତ

### ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ପଟାଙ୍ଗି, ୨୪।୨ (ଶରତ ଧଳ)

ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ଆଲୁମ୍ନି, ବିଦ୍ୟାଳୟ ପରିଚାଳନା କମିଟିକୁ ସମ୍ମାନିତ କରାଯାଇଛି। ଜୟପୁର ଦଶହରା ପଡ଼ିଆଠାରେ ଶନିବାର ହୋଇଥିବା କାର୍ଯ୍ୟକ୍ରମରେ ପଟାଙ୍ଗି ବ୍ଲକର ଅମ୍ବାବାଲିର ୟୁଜିଏଚ୍‌ଏସ୍, ରାଲେଗଡ଼ା, ଗାଙ୍ଗରାଜପୁର ଆଦି ତିନି ବିଦ୍ୟାଳୟକୁ ସ୍କୁଲ ଆୱାର୍ଡ ସେକେଣ୍ଡାରି ପୁରସ୍କାରରେ ସମ୍ମାନିତ କରାଯାଇଛି। ସେହିପରି ଗଞ୍ଜେଇପଦର, ବି.ଲାକରାଇ ଓ କେ. ମେଟାବାଲସା ପ୍ରୋଜେକ୍ଟ ବିଦ୍ୟାଳୟକୁ ସ୍କୁଲ ଆୱାର୍ଡ ଇଲିମିନାଟୋରି ପୁରସ୍କାର ମିଳିଛି। ସେହିପରି ପଟାଙ୍ଗି ହାଇସ୍କୁଲର ତତ୍କାଳୀନ ପ୍ରଧାନ ଶିକ୍ଷୟିତ୍ରୀ ଲବଙ୍ଗଲତା ବାରିକ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ସ୍ୱର୍ଗତ ନୃସିଂହନାଥ ବେହେରାଙ୍କ ପ୍ରଚେଷ୍ଟାରେ ଗଠନ ହୋଇଥିବା ଆଲୁମ୍ନି କମିଟିକୁ ବେଷ୍ଟ ଆଲୁମ୍ନି କମିଟି ଭାବେ ପୁରସ୍କୃତ କରାଯାଇଛି। ତତ୍କାଳୀନ ପ୍ରଧାନ ଶିକ୍ଷୟିତ୍ରୀ ବାରିକଙ୍କୁ ଆଲୁମ୍ନି କମିଟି ସଭାପତି ପ୍ରତାପ ଚୌଧୁରୀ, ସାଧାରଣ ସମ୍ପାଦକ ଶରତ କୁମାର ଧଳ, ସମ୍ପାଦକ ରଞ୍ଜିତ ପାଣିଗ୍ରାହୀଙ୍କ ସମେତ କମିଟି ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି। ଅମ୍ବାବାଲିର ୟୁଜିଏଚ୍‌ଏସ୍ ମଧ୍ୟ ଏସ୍‌ଏମ୍‌ସି ପୁରସ୍କାର ପାଇଛି। ବ୍ଲକର ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପ୍ରଫୁଲ୍ଲ ବେହେରାଙ୍କୁ ଟିଚର ଇଲିମିନାଟୋରି ପୁରସ୍କାର ମିଳିଥିବା ଜଣାପଡିଛି। ତାଙ୍କୁ ବ୍ଲକ ପ୍ରଶାସନ ଓ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି।


ପଟାଙ୍ଗୀ ବ୍ଲକର ପୁରସ୍କୃତ ହୋଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ ।

## ସଶକ୍ତ ଓଡ଼ିଶା ସାଥୀ ଶିବିର

ନନ୍ଦପୁର, ୨୪।୨ (ଶଙ୍କର ପୂଜାରୀ)

ଆଦିବାସୀ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଜନଜାତି ସଂସ୍କୃତି ପ୍ରଗତି ତଥା ସଶକ୍ତ ଓଡ଼ିଶା ସାଥୀ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଶିବିରରେ ମୁଖ୍ୟ ଅତିଥି ପଟାଙ୍ଗି ବିଧାୟକ ପିତମ ପାଢ଼ୀ, ସମ୍ମାନିତ ଅତିଥି ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ଣ୍ଣୁଲ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ ଅଞ୍ଚଳର ଦିଶାରୀ, ଜଡିବୁଟି ଚିକିତ୍ସକ, ଗାଁ ମୁଖିଆ, ଯୁବଗୋଷ୍ଠୀ, କଳାକାର, ସଂକୀର୍ତ୍ତନ ମଣ୍ଡଳୀ, ଖେଳାଳି, ଢେମେସା ନୃତ୍ୟଦଳ, ମହିଳା ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିସି ସଦସ୍ୟ ଉର୍ମିଳା ମୁଦୁଲି, ସିଡିପିଓ ମିନତିବାଳା ପଟ୍ଟନାୟକ, ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲରି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳକୃଷ୍ଣ ବେବର୍ତ୍ତା ଉପସ୍ଥିତ ଥିଲେ।

## ପୋଲ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ଦାମନଯୋଡ଼ି, ୨୪।୨ (ମାନସ ରଞ୍ଜନ କର)

- ନାଳର ମାଟି କାଦୁଅ ମିଶା ବାଲିରେ କଂକ୍ରିଟ କାର୍ଯ୍ୟ ହେଉଛି
- ପିଲର ଖୁଣ୍ଟଗୁଡ଼ିକରେ ସୃଷ୍ଟି ହେଲାଣି ଫାଟ
- ଅତ୍ୟଧିକ କାର୍ଯ୍ୟ ହେତୁ ତଦାରଖ କରିପାରୁନି:ଯନ୍ତ୍ରୀ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଘୋଡ଼ାଟିକିରି ନାଳ ଉପରେ ପୋଲ ନିର୍ମାଣ ଚାଲିଛି। ତେବେ ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ନାଳ ଉପରେ ଏକ ପୋଲ ନିର୍ମାଣ ପାଇଁ ଲୋକେ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ। ଶେଷରେ ପୋଲ ନିର୍ମାଣ ଲାଗି ସରକାର ୨ କୋଟି ୭୮ ଲକ୍ଷ ୮୧ ହଜାର ୯୪୦ ଟଙ୍କା ମଞ୍ଜୁର କରିଥିଲେ। ଟେଣ୍ଡର ପରେ ମୋହନଲାଲ ଅଗ୍ରୱାଲ ନାମକ ଜଣେ ଠିକାଦାର ଏହାର ନିର୍ମାଣ ଦାୟିତ୍ୱ ନେଇଛନ୍ତି। ତେବେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରା ଯୋଗୁ ପୋଲ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଛି। ବାଲି ବଦଳରେ କ୍ରଶର ଡଷ୍ଟ ମିଶାଇ କଂକ୍ରିଟ ଢଳେଇ କାମ କରାଯାଉଛି । ଠିକ୍ ଭାବରେ ଲୁହା ରଡ୍ ମଧ୍ୟ ବନ୍ଧାଯାଉ ନ ଥିବା ଦେଖିବାକୁ ମିଳିଛି। ସିମେଣ୍ଟ ପରିମାଣ କମ କରି କ୍ରସର ଡଷ୍ଟରେ କାମ କରାଯାଉଥିବାରୁ ପୋଲର ପିଲର ଖୁଣ୍ଟଗୁଡିକରେ ଫାଟ ସୃଷ୍ଟି ହେଲାଣି। ଯେଉଁ ନାଳ ଉପରେ ଏହି ପୋଲ ନିର୍ମାଣ ଚାଲିଛି ସେହି ନାଳରୁ ମାଟି କାଦୁଅ ମିଶା ବାଲି ଆଣି କଂକ୍ରିଟ କରାଯାଉଥିବା ଅଭିଯୋଗ ହେଉଛି। କାମ କରୁଥିବା ମହିଳା ଶ୍ରମିକମାନଙ୍କୁ ମଧ୍ୟ ଠିକାଦାର କମ ମଜୁରି ଦେଉଥିବା ସେମାନେ କହିଛନ୍ତି। ଦାୟିତ୍ୱରେ ଥିବା ଯନ୍ତ୍ରୀ କାର୍ଯ୍ୟସ୍ଥଳକୁ ଆସୁନାହାନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ଏକ ସାଇନବୋର୍ଡକୁ ସମ୍ପୃକ୍ତ ଠିକାଦାର ରାସ୍ତା ପାର୍ଶ୍ୱରେ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଏହାକୁ ସ୍ଥାନୀୟ ବିଜେଡି କର୍ମୀ ଓ ଯୁବନେତା ଦିପକ ଖୋସ୍ଲା ତୀବ୍ର ବିରୋଧ କରିଛନ୍ତି। ଏନେଇ କାର୍ଯ୍ୟ ତଦାରଖ କରୁଥିବା ଯନ୍ତ୍ରୀ ଦୁର୍ଗାଚରଣ ମାର୍ଣ୍ଡିଙ୍କୁ ପଚାରିବାରୁ ସେ କହିଲେ, ବିଭାଗରେ ଅଧିକ ସଂଖ୍ୟାରେ କର୍ମଚାରୀ ନ ଥିବା ଏବଂ ତାଙ୍କୁ ଅନେକ କାର୍ଯ୍ୟ ତଦାରଖ କରିବାକୁ ପଡୁଥିବାରୁ ସେ ଉକ୍ତ ପୋଲ କାର୍ଯ୍ୟରେ ସମୟ ଦେଇପାରୁ ନ ଥିବା କହିଛନ୍ତି।

